# ଓଏମ୍‌ସି କଲୋନୀ ଫାଟକ ସମ୍ମୁଖରେ ଧାରଣା

■ ବିଦ୍ୟୁତ୍ ସଂଯୋଗ କାଟିବାର ପ୍ରତିବାଦ
■ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବିଦ୍ୟୁତ୍ ସଂଯୋଗ ହେଲା


କଲୋନୀ ଫାଟକ ସମ୍ମୁଖରେ ଧାରଣା ଦେଇଥିବା ବିଦ୍ୟୁତ୍ ଉପଭୋକ୍ତା ।

କାଳିଆପାଣି,୩୦।୧୨(ଅସିତ ମହାନ୍ତ): ଓଡ଼ିଶା ଖଣି ନିଗମ ମାଗଣା ବିଦ୍ୟୁତ୍ ସଂଯୋଗ କାଟି ଦେଇ ଥିବାରୁ ତୁରନ୍ତ ତା'ର ପୁନଃ ସଂଯୋଗ ଦାବିରେ ସୋମବାର ୨୦୦ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଓଡ଼ିଶା ଖଣି ନିଗମ କେନ୍ଦ୍ରୀୟ କଲୋନୀ (ଟାଉନ ସିପ୍ ) ମୁଖ୍ୟ ଫାଟକକୁ ବନ୍ଦ କରି ଧାରଣା ଦେଇଥିଲେ । ସେମାନେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଫଳରେ କଲୋନୀ ଭିତରେ ଥିବା ବ୍ୟାଙ୍କ, ଡାକ୍ତରଖାନା, ବସ୍‌ଷ୍ଟାଣ୍ଡ ଓ ଦୋକାନ ବଜାରକୁ ଜନସାଧାରଣ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବସ୍‌ଗୁଡ଼ିକକୁ ଷ୍ଟାଣ୍ଡ ଭିତରକୁ ନ ଛାଡିବାରୁ ଯାତ୍ରୀମାନେ ହିନସ୍ତା ହୋଇଥିଲେ । ସକାଳ ୯ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଧାରଣା ଲାଗି ରହିଥିଲା । ସୁକିନ୍ଦା ବିଧାୟକ ତଥା ରାଜ୍ୟ ସମବାୟ ମନ୍ତ୍ରୀ ଡ.ପ୍ରଦୀପ ବଳସାମନ୍ତଙ୍କ ହସ୍ତକ୍ଷେପ ପରେ ସମାଧାନ ସୂତ୍ର ବାହାରିଥିଲା । ମନ୍ତ୍ରୀ ବଳସାମନ୍ତଙ୍କ ନିର୍ଦ୍ଦେଶରେ ଭାଜପାର ବରିଷ୍ଠ ନେତା ଅମଳେନ୍ଦୁ ବେହୁରା, ଆଞ୍ଚଳିକ ଖଣି ପ୍ରବନ୍ଧକ ଇଂ.ଆଶିଷ ସାମନ୍ତରାୟ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଦେବାଶିଷ ସାମଲ, କାଳିଆପାଣି ସରପଞ୍ଚ ବିକାଶ ପାତ୍ର, ସମିତି ସଭ୍ୟ ସାଲୁକା ହେନେଗା ଓ ଧାରଣାକାରୀଙ୍କ ସହ ଆଲୋଚନା କରିବା ପରେ କଲୋନୀ ଫାଟକ ଖୋଲିଥିଲେ । ଆସନ୍ତା ୩ ମାସ ଭିତରେ ଓଡ଼ିଶା ଖଣି ନିଗମ ନିଜ ଅର୍ଥରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏହି ମାଗଣା ଉପଭୋକ୍ତା ପାଇଁ ଉପଲବ୍ଧ କରାଇବେ, ଟ୍ରାନ୍ସଫର୍ମ ପ୍ରତିଷ୍ଠା ହେବା ପରେ ହିତାଧିକାରୀ ବ୍ୟବହାର କରିଥିବା ବିଜୁଳି ଦେୟ ପ୍ରତି ମାସରେ ସମ୍ପୃକ୍ତ ବିଜୁଳି ବିତରଣକାରୀ ସଂସ୍ଥାକୁ ପୈଠ କରିବେ ବୋଲି ନିଷ୍ପତ୍ତି ହୋଇଥିଲା ।

ସୂଚନା ଅନୁଯାୟୀ, ଖଣି ନିଗମ କାଳିଆପାଣି ଟାଉନସିପ୍ ବିଦ୍ୟୁତ୍ ସଂଯୋଗରୁ ୫ଶହରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘବର୍ଷ ହେଲା ମାଗଣାରେ ବ୍ୟବହାର କରିଆସୁଛନ୍ତି । ଏଥିପାଇଁ ଓଏମ୍‌ସିକୁ ପ୍ରତି ମାସରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବିଦ୍ୟୁତ୍ ବିତରଣ ସଂସ୍ଥା(ଟିପିସିଓଡିଏଲ)କୁ ଗଣିବାକୁ ପଡୁଛି । ବହୁ ଥର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଓଏମ୍‌ସି ଲୋକହସା ହୋଇଛି । ଗତ ଗୁରୁବାରଠାରୁ ଓଏମ୍‌ସି ବିଦ୍ୟୁତ୍ ସଂଯୋଗ କାଟି ପୁଣି ବିବାଦ ଘେରକୁ ଆସିଛି । ଏହି ମାଗଣା ବିଦ୍ୟୁତ୍ ବ୍ୟବହାରକାରୀମାନେ ବିଭିନ୍ନ ଖଣିର ଶ୍ରମିକ ଓ କର୍ମଚାରୀ । ସେମାନେ ଓଡ଼ିଶା ଖଣି ନିଗମ ଲିଜ୍ ଜମି ଉପରେ ବେଆଇନ ଘର ନିର୍ମାଣ କରି ବ୍ୟବସାୟ ଓ ଭଡାସୂତ୍ରରେ ଦେଇ ଅର୍ଥ ରୋଜଗାର କରୁଛନ୍ତି । ସେମାନେ ସେହି ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇ ନ ଥିବା ବେଳେ କେବଳ ଭୋଟ ଓ ଆଧାର କାର୍ଡ କରି ସମସ୍ତ ସୁବିଧା ପାଇବାକୁ ଅଡ଼ି ବସୁଥିବା ଅଭିଯୋଗ ହୋଇଛି ।

## ସଂକ୍ଷେପରେ

### ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ୨ ଗିରଫ

ଯାଜପୁରରୋଡ଼,୩୦।୧୨(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ଯାଜପୁରରୋଡ଼ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ରବିବାର ରାତିରେ କେନ୍ଦୁଝର ଜିଲା ହାଟଡିହ ଅଞ୍ଚଳର ପ୍ରଶାନ୍ତ ସେଠୀଙ୍କ ଦେହ ଖରାପ ହେବାରୁ କୋରେଇ ଥାନା ଅଶୋକଝର ଅଞ୍ଚଳର ହରମୋହନ ସେଠୀଙ୍କୁ ଧରି ଯାଜପୁର ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ । ତେବେ ଚିକିତ୍ସା ସମୟରେ କୌଣସି କାରଣକୁ ନେଇ ଉଭୟ ଯୁବକ କାର୍ଯ୍ୟରତ ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର କରିଥିଲେ । ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଯାଜପୁରରୋଡ଼ ପୋଲିସକୁ ଖବର ଦେଇଥିଲେ । ପୋଲିସ ଉଭୟ ଯୁବକଙ୍କୁ ଗିରଫ କରିଥିଲା । ଏ ନେଇ ଏକ ମାମଲା(ନଂ.୭୨୯/୨୪) ରୁଜୁ ହୋଇଛି ବୋଲି ଏସ୍‌ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ କହିଛନ୍ତି ।

### ବ୍ରାହ୍ମଣୀ ନଦୀରୁ ଯୁବକଙ୍କ ମୃତଦେହ ଜବତ

ଜେନାପୁର,୩୦।୧୨(ଅଶୋକ ଦାସ): ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଚଉଷଠି ପଡା ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ ମୃତ ଯୁବକ ଜଣକ ହେଲେ ମାଲଦା ଜିଲା ଶାତରମିଲ ଗ୍ରାମର ପ୍ରଦୀପ ଦାସ (୩୩) । ସେ କଲିକତାରୁ ଆନ୍ଧ୍ରପ୍ରଦେଶ ଟ୍ରେନ୍‌ରେ ଯାଉଥିବା ବେଳେ କୌଣସି କାରଣରୁ ଯାଜପୁର ଜିଲା ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ୍‌ରୁ ଖସି ନଦୀରେ ପଡି ଥିଲେ । ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଏହି ଖବର ପାଇ ଜେନାପୁର ପୋଲିସ ଏକ ମାମଲା(ନଂ.୨୯/୨୪) ଏକ ମାମଲା ରୁଜୁ କରିଛି ।

### ନିଖୋଜ ମହିଳାଙ୍କ ମୃତଦେହ ଜବତ

ଯାଜପୁର ସଦର,୩୦।୧୨( ସମର ବିଜୟ ଶରଣ): ଯାଜପୁର ସଦର ଥାନା ଅନ୍ତର୍ଗତ ସାମନ୍ତରାପୁର ପଞ୍ଚାୟତ ମନ୍ଦାରପୁର ଗ୍ରାମର ପଦ୍ମନାଭ ସାହୁଙ୍କ ସ୍ତ୍ରୀ ରୁକ୍ମଣୀ(୫୪) ଗତ ୨୪ ତାରିଖ ରାତି ୧୨ଟାରୁ ନିଜ ଘରୁ କେଉଁଆଡ଼େ ନିଖୋଜ ଯାଇଥିଲେ । ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା ନିଖୋଜର ୬ ଦିନ ପରେ ନିଜ ଘର ପଛପଟେ ଥିବା ଜଙ୍ଗଲରେ ଥିବା ଗଛରେ ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରାଯାଇଛି । ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛନ୍ତି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ।



# ମଣ୍ଟୁ ଛୁରିଆଙ୍କ ଗୀତରେ ଦର୍ଶକ ମତୁଆଲା

**ଧର୍ମଶାଳା ମହୋତ୍ସବର ପଞ୍ଚମ ସନ୍ଧ୍ୟା**

ଧର୍ମଶାଳା,୩୦।୧୨(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ମହୋତ୍ସବର ପଞ୍ଚମ ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ସୋମବାର ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ ଓ ତାଙ୍କ ସାଥୀମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ମଣ୍ଟୁ ଛୁରିଆଙ୍କ ଗୀତରେ ଦର୍ଶକମାନେ ମତୁଆଲା ହୋଇଥିଲେ । ଏଥିପାଇଁ ମହୋତ୍ସବ ପଡ଼ିଆରେ ପ୍ରବଳ ଜନସମାଗମ ହୋଇଥିଲା । ସନ୍ଧ୍ୟା ହେବା ମାତ୍ରେ ମହୋତ୍ସବ ପଡ଼ିଆରେ ଦର୍ଶକଙ୍କ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା ।

ଦର୍ଶକମାନେ ମେଳାରେ ବୁଲି ବିଭିନ୍ନ ଷ୍ଟଲରୁ ସୁସ୍ୱାଦୁ ଖାଦ୍ୟ ଖାଇବା ସହ ଘରକରଣା ଜିନିଷ କିଣିଥିଲେ । ଧର୍ମଶାଳା ବ୍ଲକ ଓ ଏହାର ଆଖପାଖ ଅଞ୍ଚଳର ଲୋକମାନେ ଆସି ମଣ୍ଡପରେ ଲକ୍ଷ୍ମୀ ନାରାୟଣଙ୍କୁ ଦର୍ଶନ କରିବା ସହ ମେଳାରେ ବୁଲିବାର ମଜା ଉଠାଇଥିଲେ । ମଣ୍ଟୁ ଛୁରିଆଙ୍କ କଣ୍ଠରେ ଓଡ଼ିଆ ଚଳଚ୍ଚିତ୍ର, ଆଧୁନିକ ଓ ହିନ୍ଦି ସିନେମା ଗୀତ ବେଶ ମନଛୁଆଁ ହୋଇଥିଲା । ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଦର୍ଶକମାନେ ମଞ୍ଚ ସମ୍ମୁଖରେ ରହି ସଙ୍ଗୀତ ଓ ନୃତ୍ୟକୁ ମନଭରି ଉପଭୋଗ କରିଥିଲେ ।

ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଚଳିତଥର କମିଟିର ସଭାପତି ରବିନାରାୟଣ ସାହୁ , ସାଧାରଣ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି , କାର୍ଯ୍ୟକାରୀ ସଭାପତି ପବିତ୍ର ମୋହନ ଦାଶ, ଉପସଭାପତି ସର୍ବେଶ୍ୱର ବେହୁରା,ସମ୍ପାଦକ ଜିତେନ୍ଦ୍ର ରାଉତ,ସମ୍ପାଦକ ଶ୍ରୀକାନ୍ତ ସାହୁ, ସଂଯୋଜକ ଦେବରାଜ ମିଶ୍ର,ସବ୍ୟସାଚୀ ସୁନ୍ଦରରାୟ, ରାଜେଶ ପାଳ,କାଶୀନାଥ ସାହୁ, ରବିନ୍ଦ୍ର କୁମାର ମହାନ୍ତି, ଲୋକନାଥ ମହାନ୍ତି ପ୍ରମୁଖ ପରିଚାଳନା କରୁଛନ୍ତି ।

# ଧାନର ଗୁଣବତ୍ତା ମାନ ସମ୍ପର୍କିତ ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ରସୁଲପୁର,୩୦।୧୨(ରଞ୍ଜିତ ରାଉତ): ରସୁଲପୁର ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତରେ ଧାନର ଗୁଣବତ୍ତା ଓ ମାନକୁ ନେଇ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକ ଅଞ୍ଚଳରେ କାମ କରୁଥିବା ୧୧ ପ୍ରାଥମିକ କୃଷି ସମବାୟ ସମିତି, ବଜାର ନିୟନ୍ତ୍ରିତ କମିଟି, ଧାନର ମାନ ନିର୍ଦ୍ଧାରକଙ୍କୁ ନେଇ ପଞ୍ଜୀକୃତ ଚାଷୀମାନଙ୍କୁ ସଚେତନ କରାଯାଇଛି । ଏହି କ୍ରମରେ ବ୍ଲକ ଅଧୀନ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରସୁଲପୁର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ସମିତିର ସମ୍ପାଦକ ନିରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବଜାର ନିୟନ୍ତ୍ରିତ କମିଟି କର୍ମଚାରୀ ପଞ୍ଚାନନ ରାଉତ ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଶୋଭନା ପ୍ରିୟଦର୍ଶିନୀ ଦାସ ଧାନର ମାନ ନିର୍ଦ୍ଧାରଣ ଓ ଏ ଦିଗରେ ଚାଷୀମାନଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ସାମଲ, ନାଏବ ସରପଞ୍ଚ କେଦାର କୁମାର ଦେଓ, ସମିତିର ଡିଇଓ ଆକାଶ ପରିଡ଼ା ପ୍ରମୁଖ ଯୋଗଦେଇ ଶିବିରକୁ ପରିଚାଳନା କରିଥିଲେ ।

ଶିବିରରେ ଯୋଗଦେଇଥିବା ଚାଷୀମାନେ ମଣ୍ଡିରେ ଧାନ ବିକ୍ରୀ ପାଇଁ ଉର୍ଦ୍ଦିଷ୍ଟ ନିୟମାବଳୀରେ ପରିବର୍ତ୍ତନ ଆଣିବାକୁ ଦାବି କରିଥିଲେ । ରସୁଲପୁର ବ୍ଲକ ଅଞ୍ଚଳର ଶତକଡା ୯୦ଭାଗ ଚାଷୀ ସ୍ୱଳ୍ପ ମିଆଦୀ ଧାନଚାଷ କରନ୍ତି । ବର୍ଷର ଅକ୍ଟୋବର ମାସରେ ଧାନ ଅମଳ କରାଯାଉ ଥିବା ବେଳେ ନଭେମ୍ବରରେ ଆକାଶ ମାର୍ଗରୁ ସର୍ଭେ କରାଯାଉଛି । ଏହି ନିୟମରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରୀ କରିବାରୁ ବଞ୍ଚିତ ହେଉଛନ୍ତି । ଜମି ମାଲିକମାନଙ୍କ ଅସହଯୋଗ ଯୋଗୁ ଭାଗଚାଷୀମାନେ ମଣ୍ଡି ସୁବିଧାରୁ ବଞ୍ଚିତ ହେଉଛନ୍ତି । ବର୍ଷ ତମାମ ଚାଷୀମାନଙ୍କୁ ମଣ୍ଡି ସୁବିଧା ପ୍ରଦାନ କରାଯାଉ । ରବି ଓ ଖରିଫ ଫସଲ ସର୍ଭେ ପାଇଁ ପ୍ରତ୍ୟେକ ବ୍ଲକକୁ ଏକ ୟୁନିଟି ଭାବେ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଇ ନିୟମ ପ୍ରଣୟନ କରାଗଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଏହାଛଡା ସମିତି ଅଧୀନରେ ଧାନ ବିକ୍ରୀ ପାଇଁ ୨୦୪ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ସର୍ଭେ ରିପୋର୍ଟରେ ଧାନ ବିକ୍ରୀ କରିବା ପାଇଁ ଅତି ନଗଣ୍ୟ ସଂଖ୍ୟକ ଚାଷୀ ଯୋଗ୍ୟ ହୋଇପାରିଛନ୍ତି ବୋଲି ଜଣାପଡିଛି । ଜାନୁଆରୀ ମାସରେ ମଣ୍ଡି ଖୋଲିବାକୁ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏଥର ବହୁ ପଞ୍ଜୀକୃତ ଚାଷୀ ଧାନ ବିକ୍ରୀ କରିବା ପାଇଁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ଜଣାଯାଇଛି । ଏଥିପାଇଁ ବିଳମ୍ବିତ ସର୍ଭେ ପ୍ରକ୍ରିୟାକୁ ଦାୟୀ କରାଯାଇଛି ।

## ପୃଥକ୍ ସ୍ଥାନରେ ଦୁର୍ଘଟଣା, ୩ ଯୁବକ ମୃତ

ରସୁଲପୁର,୩୦।୧୨(ରଞ୍ଜିତ ରାଉତ) କୁଆଖିଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ରସୁଲପୁର ବ୍ଲକ ସମ୍ମୁଖ ଡାଇଭର୍ସନରେ ସୋମବାର ସକାଳ ପ୍ରାୟତଃ ସାଢେ ୭ଘଟିକା ସମୟରେ ପ୍ରଥମ ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଥିବା ବେଳେ ଦ୍ୱିତୀୟ ଦୁର୍ଘଟଣାଟି ଜାତୀୟ ରାଜପଥର ମୂଳାପାଳ ଛକଠାରୁ ୧୦୦ମିଟର ଦୂର ବନ୍ଧଡିହକୁ ସଂଯୋଗ କରୁଥିବା ରାସ୍ତା ଉପରେ ଘଟିଛି । ଏହି ଦୁର୍ଘଟଣାରେ ୨ଜଣ ଯବକଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣଙ୍କର ଅବସ୍ଥା ସଂକଟାପନ୍ନ ରହିଛି । ପ୍ରଥମ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତି ଜଣକ ହେଉଛନ୍ତି ବ୍ରହ୍ମବରଦା ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମର ସର୍ବେଶ୍ୱର ସେଠୀ । ସର୍ବେଶ୍ୱର ଭାରତ ଫାଇନାନ୍ସ ସଂସ୍ଥାର ଭଦ୍ରକ ଶାଖାରେ କାର୍ଯ୍ୟ କରୁଥିଲେ । ରବିବାର ଅଫିସ ଛୁଟି ଥିବାରୁ ସେ ଘରକୁ ଆସିଥିଲେ । ସୋମବାର ସକାଳେ ଅଫିସକୁ ଯାଉଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏ ନେଇ ଥାନାରେ କେସ୍ ନଂ-୫୩୪/୨୪ରେ ଏକ ମାମଲା ରୁଜୁ ହୋଇଛି । ସେହିପରି ଅନ୍ୟ ଦୁର୍ଘଟଣାରେ ୩ଜଣ ବନ୍ଧୁଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି । ମୃତକ ୨ଜଣ ଯୁବକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ପ୍ରଥମାଖଣ୍ଡି ଗ୍ରାମର ପ୍ରଶାନ୍ତ ମଲିକ (୨୧) ଓ ପ୍ରଦୀପ ମଲିକ (୨୨) । ଗୁରୁତର ଥିବା ଯୁବକ ସେହି ଗ୍ରାମର ସଂଗ୍ରାମ ମଲିକ (୨୧) । ସେମାନେ ଘନିଷ୍ଠ ବନ୍ଧୁ ଥିଲେ । ପ୍ରଦୀପ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ପ୍ରଶାନ୍ତ ଓ ସଂଗ୍ରାମ ରସୁଲପୁର ବ୍ଲକ ଅଧୀନ ମଧୁପୁର କଲେଜ-କଲଣର ଛାତ୍ର ଥିଲେ ବୋଲି ସୂଚନା ମିଳିଛି ।

## ୧୦ଟନ୍ ଧାନ ବୋଝେଇ ଟ୍ରକ୍ ଜବତ

କାଳିଆପାଣି,୩୦।୧୨(ଅସିତ ମହାନ୍ତ): ସୁକିନ୍ଦା ଥାନା ଅନ୍ତର୍ଗତ ବୋତଲଣ୍ଡ ଗ୍ରାମରେ ତାମିଲନାଡୁର ଏକ ଟ୍ରକ(ନଂ.ଟିଏନ୩୪ ଏଜେଡ ୭୩୫୩)ରେ ୨୦ ଟନ୍‌ରୁ ଊର୍ଦ୍ଧ୍ୱ ଧାନ ବୋଝେଇ ହୋଇ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିଲା । ସ୍ଥାନୀୟ ଲୋକମାନେ ଏ ସଂକ୍ରାନ୍ତରେ ସୁକିନ୍ଦା ଆଇଆଇସି ବିଲମଙ୍ଗଳ ସେଠୀଙ୍କୁ ଖବର ଦେଇଥିଲେ । ପୋଲିସ ବୋତଲଣ୍ଡା ଗ୍ରାମକୁ ଯାଇ ଧାନ ବୋଝେଇ ଟ୍ରକ୍‌କୁ ଜବତ କରିଛି । ଧାନ ଚାଲାଣକାରୀ ଜବତ ଟ୍ରକରୁ ଅଧାରୁ ଅଧିକ ଧାନ କାଢ଼ି ନେଇଥିବା ବୋଦଲଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତଥାପି ୧୦ଟନ୍‌ରୁ ଊର୍ଦ୍ଧ୍ୱ ଧାନ ବୋଝେଇ ଟ୍ରକକୁ ସୁକିନ୍ଦା ଥାନା ପୋଲିସ ଜବତ କରି ଥାନାକୁ ଆଣିଛି । ସୁକିନ୍ଦା ଅଞ୍ଚଳରେ ଆସନ୍ତା ଜାନୁଆରୀ ୫ ରୁ ୭ ତାରିଖ ମଧ୍ୟରେ ଧାନ ମଣ୍ଡି ଖୋଲିବାକୁ ଯୋଜନା ହୋଇଛି । ପଞ୍ଜିକୃତ କୌଣସି ଚାଷୀଙ୍କ ମୋବାଇଲକୁ ଟୋକନ ନମ୍ବର ଓ ଧାନର ପରିମାଣ ସମ୍ବନ୍ଧୀୟ ବାର୍ତ୍ତା ଆସି ନାହିଁ । ଏହାର ସୁଯୋଗ ନେଇ ଚାଷୀମାନେ ବାହାର ବ୍ୟବସାୟୀଙ୍କୁ ଧାନ ବିକ୍ରି କରୁଥିବା ଅଭିଯୋଗ ହୋଇଛି ।

## ଯାଜପୁର ପୁସ୍ତକ ମହୋତ୍ସବ ଉଦ୍‌ଯାପିତ

ଯାଜପୁର ଟାଉନ, ୩୦।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି) : ଚତୁର୍ଦ୍ଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟକ ଭାବେ ଭୂଲେଖ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲିକ ଯୋଗଦେଇଥିଲେ । ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ ମଞ୍ଚାସୀନ ଅତିଥିମାନଙ୍କର ସ୍ୱାଗତ କରିଥିବା ବେଳେ କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ମହାପାତ୍ର ପରିଚୟ ପ୍ରଦାନ କରିଥିଲେ । ପୁସ୍ତକ ମହୋତ୍ସବ କମିଟିର ସମ୍ପାଦକ ଡ. କାହ୍ନୁ ଚରଣ ମିଶ୍ର ବିବରଣୀ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ଯାଜପୁର ଜିଲାପରିଷଦ ସଭାପତି ଗୌତମ ରାୟ ଯୋଗଦେଇ ପୁସ୍ତକ ଜୀବନକୁ ସରସ, ସୁନ୍ଦର ଓ କମନୀୟତାର ସହକାରେ ଭରିଦିଏ ବୋଲି ପରିପ୍ରକାଶ କରିଥିଲେ । ବରେଣ୍ୟ ଅତିଥିଭାବେ ଯାଜପୁର ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶୁଭେନ୍ଦୁ କୁମାର ସାମଲ, ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରଶାସନ ତଥା ଗୀତିକାର ରବିନାରାୟଣ ନନ୍ଦ, ସମ୍ମାନିତ ବକ୍ତାଭାବେ ସୁସାହିତ୍ୟିକ ପ୍ରବୀର କୁମାର ମହାନ୍ତି ଯୋଗଦେଇ ପୁସ୍ତକ ମହୋତ୍ସବର ଭୂୟସୀ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥିଭାବେ 'କାଳୀ' ସମ୍ପାଦକ ଘନ ପରିଡ଼ା ଯୋଗଦେଇ ପୁସ୍ତକ ହେଉଛି ବିପ୍ଳବର ବିଦଗ୍ଧ ସ୍ଫୁଲିଙ୍ଗ ଚେତନା ଓ ପ୍ରଜ୍ଞାର ମନୋଜ୍ଞ ପ୍ଲାବନ, ପୁସ୍ତକ ଜ୍ଞାନର ଗନ୍ତାଘର ଜୀବନର ସର୍ବଶ୍ରେଷ୍ଠ ବନ୍ଧୁ ବୋଲି ପ୍ରକାଶ କରିଥିଲେ । ସମ୍ମାନିତ ଅତିଥିଭାବେ ଡେପୁଟି କଲେକ୍ଟର, ଯାଜପୁର ରଶ୍ମିରଞ୍ଜନ ମଲ୍ଲିକ ଏବଂ ଯାଜପୁର ଡେପୁଟି କଲେକ୍ଟର ଶାଶ୍ୱତୀ ସଦୁଆଳ ଯୋଗଦେଇ ପୁସ୍ତକ ଜ୍ଞାନ ଓ ବିଜ୍ଞାନର ସମ୍ମିଶ୍ରଣ ବୋଲି କହିଥିଲେ । ଯାଜପୁର ଡିଏଭି ସ୍କୁଲ ପକ୍ଷରୁ କଳାକାରମାନେ ବନ୍ଦେ ଉତ୍କଳଜନନୀ ସଙ୍ଗୀତ ଗାନ କରିଥିଲେ । ସାଂସ୍କୃତିକ ସମ୍ପାଦକ ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଆଦିତ୍ୟ ମହାନ୍ତି ସଂଯୋଜନ କରିଥିଲେ । ବିଭୂତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ । ଯାଜପୁର ଇନ୍‌ଟାକ୍ ଚାଷ୍ଟର ପକ୍ଷରୁ ମୁକ୍ତ କୁଇଜ୍ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।


ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

# ରମାକାନ୍ତ ଜେନାଙ୍କୁ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ



ଗୋକର୍ଣ୍ଣିକା ସମ୍ପାଦକଙ୍କୁ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଉଛି ।

ଧର୍ମଶାଳା, ୩୦ । ୧୨ (ବଟକୃଷ୍ଣ ପରିଡ଼ା): ସାରସ୍ୱତ ପୀଠ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସାରସ୍ୱତ ସାଧକ ବିଶ୍ୱନାଥ ପଶାୟତଙ୍କ ସ୍ମୃତିରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ଡ. ବିଶ୍ୱଭୂଷଣ ହରିଚନ୍ଦନ ଏହି ସମାରୋହକୁ ଉଦ୍‌ଘାଟନ କରିବା ସହ ବିଶ୍ୱନାଥ ପଶାୟତଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ମତପ୍ରକାଶ କରିଥିଲେ । ବିଶ୍ୱନାଥଙ୍କ ଜୀବନାଦର୍ଶ ଯୁବପୀଢ଼ିର ଧ୍ୟେୟ ହେବା ଉଚିତ ବୋଲି ଡ. ହରିଚନ୍ଦନ କହିଥିଲେ । ସମ୍ପଦର ପ୍ରତିଷ୍ଠାତା ଓ ସଭାପତି ଇଂ. ଡ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ, ସାମାଜିକ କର୍ମୀ ସୁଦର୍ଶନ ନାୟକ ବିଶିଷ୍ଟ ଅତିଥି ଭାବେ ତିରୁପତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ଗୋକର୍ଣ୍ଣିକା ସମ୍ପାଦକ କବି ରମାକାନ୍ତ ଜେନା ଓ ଡ. ରଘୁନାଥ ମେହେରଙ୍କୁ ଚଳିତବର୍ଷ ମର୍ଯ୍ୟାଦାଜନକ ବିଶ୍ୱନାଥ ପଶାୟତ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା । ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୪୦ ହଜାର ଟଙ୍କା, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ସଂସଦର ସମ୍ପାଦକ ଡାକ୍ତର ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ନାଟ୍ୟକାର ସଞ୍ଜିତ୍ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ପ୍ରଫେସର ଡ. ସତ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବରେ ବିଶ୍ୱନାଥ ପଶାୟତଙ୍କର ପୁତ୍ର ସୁପ୍ରିମ୍‌କୋର୍ଟର ପ୍ରାକ୍ତନ ବିଚାରପତି ଡ. ଅରିଜିତ୍ ପଶାୟତ, ପୁତ୍ରବଧୂ ସବଳା ପଶାୟତ, ପ୍ରଫେସର ବୈରାଗୀ ଚରଣ ଜେନା, କବି ପ୍ରସନ୍ନ କୁମାର ଜେନା, ଗାଳ୍ପିକ ଡ. ତରୁଣ କୁମାର ସାହୁ, ଡ. ବୈଜୟନ୍ତୀ ମିଶ୍ର, ଡ. ଧରଣୀଧର ନାଥ, ଡ.ହେମେନ୍ଦ୍ର ନାରାୟଣ ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

## ଇମ୍ଫା ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

କାଳିଆପାଣି,୩୦।୧୨( ଅସିତ ମହାନ୍ତ ): ସୁକିନ୍ଦା ଖଣି ଅଞ୍ଚଳ କ୍ରୋମ ନଗରରେ କାର୍ଯ୍ୟରତ ଇମ୍ଫା କମ୍ପାନୀ ପକ୍ଷରୁ ସୋମବାର ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବଂଶୀଧର ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ କାଙ୍କଡ଼ପାଳ ଦେହୁରୀ ସାହି କମ୍ୟୁନିଟି ସେଣ୍ଟରଠାରେ ଆୟୋଜିତ ଏହି ଶିବିରକୁ ଇମ୍ଫାର ଖଣି ମୁଖ୍ୟ ସନ୍ଦୀପ ବାପୁ ରାଓ ନାରଡେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ସୁକିନ୍ଦା ଡାକ୍ତରଖାନାର ବରିଷ୍ଠ ଡାକ୍ତର ବିଭୁଦତ୍ତ ସାଇ ମଙ୍ଗଳ ବେହେରା, ଡାକ୍ତର ଶାନ୍ତନୁ ମିଶ୍ର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । କାଙ୍କଡ଼ ପାଳ ସରପଞ୍ଚ ସଞ୍ଜୟ ପରିଡା ଅତିଥି ଭାବେ ଯୋଗ ଦେଇଥିବା ବେଳେ କମ୍ପାନୀ ପକ୍ଷରୁ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ପ୍ରଭାତ ସିଂ, ମିଳନ ରଞ୍ଜନ କର, ମହାମୟ ମହାଦେବ ପାଲ, ମାମାଲି ଜେନା , ମୋନାଲିସା ପରିଡ଼ା ପ୍ରମୁଖ ଏହି ଶିବିରକୁ ପରିଚାଳନା କରିଥିଲେ । ଏଥିରେ ୧୬୭ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା ।

# ମା'ତାରାତାରିଣୀ ମହିଳା ତନ୍ତୁବାୟ ସମିତିରେ ଅନିୟମିତତା

**ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ**

ରସୁଲପୁର,୩୦।୧୨(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଗ୍ରାମରେ ଥିବା ମା'ତାରାତାରିଣୀ ମହିଳା ତନ୍ତୁବାୟ ସହଯୋଗ ସମିତିରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଥିବା ନେଇ ନିର୍ଦ୍ଦେଶକ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗରେ ଅଭିଯୋଗ ହୋଇଛି । ସମିତିର ସଭାନେତ୍ରୀ ଶଶୀରେଖା ଗୁଇଁ ଓ ସମ୍ପାଦକ ଶ୍ୟାମସୁନ୍ଦର ଗୁଇଁଙ୍କ ଦ୍ୱାରା ବେନିୟମ କାର୍ଯ୍ୟ ହୋଇଛି ବୋଲି ଅଭିଯୋଗ ହୋଇଛି । ସମିତିର ସଭାନେତ୍ରୀ ଦାୟିତ୍ୱରେ ନ ଥିବା ସମୟରେ ନିୟମକୁ ଉଲ୍ଲଂଘନ କରି ସମିତି ନାମରେ ଥିବା ଜମାଖାତାରୁ ୫,୭୦,୦୦୦ଟଙ୍କା ଉଠାଣ କରାଯାଇଛି । ସମ୍ପାଦକ ବୟନିକା ଦ୍ୱାରା ପ୍ରଦତ୍ତ ଜିଏସ୍‌ଟି ଅର୍ଥକୁ ପୈଠ ନ କରି ଅନ୍ୟତ୍ର ଖର୍ଚ୍ଚ କରିବା, ସମିତିର ନିଜସ୍ୱ ଗୃହ ଥାଇ ମଧ୍ୟ ଆଉ ଏକ ଗୃହକୁ ଭଡ଼ା ସୂତ୍ରରେ ଦର୍ଶାଇ ଅର୍ଥ ବାଟମାରଣା କରିବା, ସମ୍ପାଦକଙ୍କ ଗାଡ଼ିର କାଗଜପତ୍ର ଠିକ୍ ନ ଥାଇ ବିଭାଗରେ ଭଡ଼ାରେ ଲାଗିବା, ସମିତି ଅଧୀନରେ ଚାଲିଥିବା ଜାକର୍ଡ ତାଲିମ କାର୍ଯ୍ୟକ୍ରମ ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବା ଭଳି ଅନେକ ଅଭିଯୋଗ ଶ୍ରୀବିଷ୍ଣୁ ତନ୍ତୁବାୟ ସମିତିର ସଭାପତି ରମେଶ ଦାସ, ମା'ତାରିଣୀ ସମିତିର ପରିଚାଳକ ଅଶୋକ କୁମାର ଗୁଇଁ ବିଭାଗୀୟ ନିର୍ଦ୍ଦେଶକଙ୍କ ନିକଟରେ କରିଛନ୍ତି ।

ଏ ନେଇ ସମିତିର ସମ୍ପାଦକ ଶ୍ୟାମସୁନ୍ଦର ଗୁଇଁଙ୍କୁ ପଚାରିବାରୁ ତାଙ୍କ ସମିତିରେ କୌଣସି ଅନିୟମିତତା ହୋଇନାହିଁ ବୋଲି କହିଛନ୍ତି । ଗାଡି ଓ ଘରକୁ ନେଇ ହୋଇଥିବା ଅଭିଯୋଗ ତାଙ୍କର ବ୍ୟକ୍ତିଗତ ବୋଲି କହିବା ସହ ତାହା ସହ ସମିତିର କୌଣସି ସମ୍ପର୍କ ନାହିଁ । ଅଭିଯୋଗକୁ ନେଇ ତଦନ୍ତ ହେଲେ ସେ କାଗଜାତ୍ ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି । ଉପ-ନିର୍ଦ୍ଦେଶକ-କଟକ ବୟନମଣ୍ଡଳ ଆଶୁତୋଷ ମହାନ୍ତିଙ୍କୁ ପଚାରିବାରୁ ସମିତି ନାମରେ ହୋଇଥିବା ଅଭିଯୋଗ ତାଙ୍କର ହସ୍ତଗତ ହୋଇଛି । ବିଭାଗରେ ଲାଗିଥିବା ଶ୍ୟାମସୁନ୍ଦରଙ୍କ ଗାଡ଼ିର କାଗଜପତ୍ର ଠିକ୍ ନ ଥିବା ଜଣାପଡିବା ପରେ କାଢି ଦିଆଯାଇଛି । ଉକ୍ତ ସମିତି ବିରୋଦରେ ପୂର୍ବରୁ କେତେକ ଅଭିଯୋଗ ହୋଇଥିବା ବେଳେ ଏବେ ହୋଇଥିବା ସମସ୍ତ ଅଭିଯୋଗକୁ ତାଙ୍କ ବିଭାଗ ଗମ୍ଭୀରତାର ସହ ନେଇଛି । ଏ ନେଇ ଖୁବ୍‌ଶୀଘ୍ର ତଦନ୍ତ କରାଯିବା ସହ ଅନିୟମିତତା ହୋଇଥିଲେ ସମିତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ଜବରଦଖଲରେ ହଜିଯାଉଛି ଗୋବରୀ ନଦୀ

କେନ୍ଦ୍ରାପଡ଼ା, ୩୦।୧୨ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲାରେ ପ୍ରବାହିତ ଗୋବରୀ ନଦୀ ଏବେ ଜଳଧାରଣ କ୍ଷମତା ହରାଇଛି। ବର୍ଜ୍ୟବସ୍ତୁ ପାଇଁ ଜଳ ମଧ୍ୟ ଜହର ପାଲଟିଛି। ନଦୀମାର୍ଗ ଏବେ ଜବରଦଖଲକୁ ଚାଲି ଯାଉଥିବାରୁ କୃଷି କ୍ଷେତ୍ରକୁ ଆଉ ପର୍ଯ୍ୟାପ୍ତ ଜଳ ଯୋଗାଇ ହେଉନାହିଁ। ଏ ନେଇ ସ୍ଥାନୀୟ ଅଧିବାସୀ ବାରମ୍ବାର ପ୍ରଶାସନର ଦୃଷ୍ଟିକୁ ଆଣିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ୨୦୨୧ରେ ଜିଲା ଜଳସମ୍ପଦ ବିଭାଗ ପକ୍ଷରୁ ହୋଇଥିବା ଜଳ ପରୀକ୍ଷଣରେ ବିଷାକ୍ତ ପଦାର୍ଥ ଅତ୍ୟଧିକ ଥିବା ରିପୋର୍ଟକୁ ଅଣଦେଖା କରାଯାଉଥିବାରୁ ସ୍ଥାନୀୟ ଅଧିବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଳସମ୍ପଦ ବିଭାଗ ଆକଳନ ଅନୁଯାୟୀ, ଗୋବରୀର ୧୩୮ କି.ମି. ଲମ୍ବର ଉଭୟ କୂଳରେ ୭,୬୧୬ ହେକ୍ଟର ଆୟକଟରେ ଜଳସେଚନ ହୋଇଥାଏ। ସେହିପରି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ମାଳିବସା, ତନ୍ତିଆପାଳ, ବେଣାକନ୍ଦା ଓ ବିଜୟନଗରଠାରେ କ୍ରିକ୍ ବନ୍ଧ ଯୋଜନା ପରେ ୪ ହଜାର ହେକ୍ଟର ଜମିରେ ଚାଷ ହୁଏ। ଏଠାରୁ ପାଣି ଆସି ରବି ଫସଲ ୩,୨୦୦ ହେକ୍ଟର, ବାଦାମ ୬୦୦ ହେକ୍ଟର କ୍ଷେତରେ ଚାଷ ହୁଏ। ଜିଲାର ୮୦ ହଜାରରୁ ଊର୍ଦ୍ଧ୍ୱ ଅଧିବାସୀ ଏହି ପାଣିକୁ ଉପଯୋଗ କରିଥାନ୍ତି। ସେହିପରି ଏହି ଉତ୍ସକୁ ୩୦ ହଜାର ହେକ୍ଟର ଜମିକୁ ଚାଷ ପାଇଁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ବିନିଯୋଗ କରାଯାଏ ବୋଲି ବିଭାଗୀୟ ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି।

ଏ ସମ୍ପର୍କରେ ସହରର ସେକ୍ ଅମଜାନ, ଫୋରଡ ଗ୍ରାମର ଟୁନା ସାହୁ, କଂସାରର ନୀଳମାଧବ ମହାପାତ୍ର, ନିରଞ୍ଜନ ପରିଡ଼ା ପ୍ରମୁଖ କହିଛନ୍ତି, ଜିଲାରେ ଥିବା ୭ ନଦୀର ଜଳ ଜୀବନଜୀବିକାକୁ ସମୃଦ୍ଧ କରୁଛି। ଏଥିରେ ଗୋବରୀ ନଦୀର ଅବଦାନ ଅଧିକ। ୫ ଦଶନ୍ଧି ପୂର୍ବରୁ ସଡ଼କପଥ ସୁବିଧା

- ବର୍ଜ୍ୟବସ୍ତୁ ଛଡାଯାଉଥିବାରୁ ଜଳ ଏବେ ଜହର
- ସଙ୍କୁଚିତ ଜଳପଥ ପାଇଁ କ୍ଷେତକୁ ଯାଉନାହିଁ ପାଣି

ନ ଥିବାରୁ ଗୋବରୀର ଜଳପଥ ପଣ୍ୟଦ୍ରବ୍ୟ ବ୍ୟବସାୟରେ ମୁଖ୍ୟ ମାଧ୍ୟମ ହୋଇଥିଲା। ସମୁଦ୍ରରୁ ଜମ୍ବୁ ଦେଇ ଗୋବରୀ ନଦୀ ଜଳପଥରେ କଟକ ପର୍ଯ୍ୟନ୍ତ ପଣ୍ୟଦ୍ରବ୍ୟ କାରବାର ସହ ଯାତାୟାତ ହେଉଥିଲା। ସ୍ୱାଧୀନତା ପରବର୍ତ୍ତୀକାଳରେ ଏହାର ଉନ୍ନତୀକରଣ କରାଯାଇ ନଦୀଜଳକୁ ଚାଷରେ ବ୍ୟବହାର କରାଗଲା। ଏହା ବ୍ୟତୀତ ବିଭିନ୍ନ ପୁରାଣରୁ ମଧୁସାଗରର ଜନ୍ମ ସହ ଗୋବରୀ ନଦୀର କାହାଣୀ ଲୋକମୁଖରେ ପ୍ରଚଳିତ ଅଛି। ତେବେ ଏହି ନଦୀ ଏବେ ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ଏଥିରେ ଭାରିମାତ୍ରାରେ କାଡମିୟମ, କ୍ରୋମିୟମ ଓ ପୋଟାସିୟମ ରହିଥିବା ପରୀକ୍ଷଣରୁ ଜଣାପଡ଼ିଛି। ଏହି ଜଳ ବ୍ୟବହାର ଦ୍ୱାରା ଚର୍ମ ରୋଗ ସହ ଜଳବାହିତ ରୋଗ ଦେଖାଦେଉଛି। ଗ୍ରାମାଞ୍ଚଳ ଅପେକ୍ଷା ସହର ମଧ୍ୟରେ ଏହାର ଜଳପଥକୁ ସର୍ବାଧିକ ଜବରଦଖଲ କରାଯାଇଛି। ନିକଟରେ ଦୁଇଟି ସାଇଫନ୍ ଦ୍ୱାରା ସହରର ଅଳିଆ ଆବର୍ଜନା ପାଣି ନଦୀକୁ ଛଡ଼ାଯାଉଛି। ସେହିପରି ନଦୀକୂଳବାସୀଙ୍କ ପାଇଖାନାର ଆବର୍ଜନା ଦ୍ୱାର ନଦୀ ମଧ୍ୟକୁ ଅଛି। ଫଳରେ ନଦୀ ଜଳ ପ୍ରଦୂଷିତ ହେବା ସହ ଜବରଦଖଲକାରୀ ନଦୀପଥକୁ ସଙ୍କୁଚିତ କରିଛନ୍ତି। ସେହିପରି ଉନ୍ନତୀକରଣ ନ ହେବାରୁ ନଦୀରେ ବିଲାତି ଦଳ ଭର୍ତ୍ତି ହୋଇ ରହିଛି। ଯାହା ପାଇଁ କ୍ଷେତକୁ ପାଣି ଯାଇ ପାରୁନାହିଁ। ତେବେ ପ୍ରଶାସନ ପକ୍ଷରୁ ଜଳକର ଆଦାୟ ହେଉଛି। ଗୋବରୀର ଉନ୍ନତୀକରଣରେ ଜିଲାର ଆର୍ଥିକ ସ୍ଥିତି ସୁଧାର ଆସିବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରେ ଗୋବରୀ ନଦୀର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଏହାର ସୁଫଳ ମିଳିବ ବୋଲି ସେ କହିଛନ୍ତି।

# ୫୧୮ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରୁଛନ୍ତି।

କେନ୍ଦ୍ରାପଡ଼ା, ୩୦।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଆର୍ଥିକ ଅନଗ୍ରସର ୫୧୮ ଛାତ୍ରୀଛାତ୍ରଙ୍କୁ ବାଞ୍ଛାନିଧି ଦାସ, ଶ୍ରୀମତୀ ଦେବୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ମେଧାବୃତ୍ତି ରବିବାର ପ୍ରଦାନ କରାଯାଇଛି। ଏଥିସହ ଟ୍ରଷ୍ଟ ପକ୍ଷରୁ ତୁଳସୀ କ୍ଷେତ୍ର ସମ୍ମାନ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ସେହିପରି ସାମାଜିକ କର୍ମୀ ଗାୟତ୍ରୀ ମହାନ୍ତି, ଡ. ରୀତା ମହାନ୍ତି, ଡ. ନଳିନୀ ପଟ୍ଟନାୟକ, ଡ. ପ୍ରତାପ ଦାସ, ଡ. ବୀରେନ୍ଦ୍ର କୁମାର ପଟ୍ଟନାୟକ ଓ ସ୍ୱର୍ଗତ କମଳାକାନ୍ତ ମହାନ୍ତିଙ୍କୁ କ୍ୟାଥୋଲିନ ଦାସ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସହରର ଟାଉନହଲଠାରେ ଟ୍ରଷ୍ଟର ପୃଷ୍ଠପୋଷକ ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଏହି ମେଧାବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ସଂଯୋଜକ ପ୍ରଦୀପ କୁମାର ମହାନ୍ତି ସଂଯୋଜନାରେ ଏଥିପାଇଁ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଡ. ବିଧୁଭୂଷଣ ରାୟ, ଡ. ରିତା ମହାନ୍ତି, ଡ. ନୟନ କୁମାର ମହାନ୍ତି, ଡ. ବିଶ୍ୱପ୍ରକାଶ କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ କହିଥିଲେ, ଏହାର ପୃଷ୍ଠପୋଷକ ଡ. ଦାସ ଆମେରିକାରେ ରହି ଗତ ୧୪ ବର୍ଷ ଧରି ମେଧାବୀ ଛାତ୍ରୀଛାତ୍ରଙ୍କ ସହଯୋଗ କରି ଆସୁଛନ୍ତି। ଏଥିସହ ଜିଲାର ବିଭିନ୍ନ ସାମାଜିକ କର୍ମରେ ପୃଷ୍ଠ ପୋଷକତା କରି ଆସୁଛନ୍ତି। ଯାହାଫଳରେ ବହୁ ଛାତ୍ରୀଛାତ୍ର ଉପକୃତ ହୋଇପାରୁଛନ୍ତି। ଅରୁଣ ପ୍ରସାଦ ଦାସ, ଅଜିତ ସାମଲ, ଜ୍ୟୋତିରଞ୍ଜନ ନାୟକ, ଅଶୋକ କୁମାର ସାହୁ, ପ୍ରମୋଦ କୁମାର ମହାପାତ୍ର, ଭୁବନ ମୋହନ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମିଳିତ ଜନଶୁଣାଣି ଶିବିରରେ ୨୧୨ ଅଭିଯୋଗ



ଲୋକଙ୍କ ଅଭିଯୋଗ ପ୍ରଶାସନିକ ଅଧିକାରୀମାନେ ଶୁଣୁଛନ୍ତି।

ରାଜନଗର, ୩୦।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରି ପ୍ରମୁଖ ଯୋଗଦେଇ ୨୧୨ ଅଭିଯୋଗ ଶୁଣିବା ସହ ତ୍ୱରିତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ୨୧୨ଟି ଅଭିଯୋଗ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଗତ ଅଭିଯୋଗ ଆସିଥିବା ବେଳେ ଅଳ୍ପ କେତୋଟି ସାମୂହିକ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ୧୫୦ରୁ ଅଧିକ ଅଭିଯୋଗ କେବଳ ରାଶନକାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା ସମ୍ପର୍କିତ ଥିଲା। ଏଥିରେ ସାମୂହିକ ଅଭିଯୋଗ ଭାବେ ତାଳଚୁଆରୁ ରଙ୍ଗଣୀ ଆରଡି ରାସ୍ତା, ଡାଲଖାଇରୁ ରଙ୍ଗଣୀ ଆରଡି ରାସ୍ତା କାମ ହେଉନି ବୋଲି ଲୋକେ ଅଭିଯୋଗ କରିଥିଲେ। ଲୋକଙ୍କ ଅଭିଯୋଗକୁ ଆଧାର କରି ଜିଲାପାଳ ପ୍ରଧାନ ବିଭାଗୀୟ ଅଧିକାରୀଙ୍କୁ କାମ ତୁରନ୍ତ କରି ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଟିକାୟତନଗରରୁ ହାତିଆଗଣ୍ଡ ପର୍ଯ୍ୟନ୍ତ ଡ୍ରେନେଜ ନିର୍ମାଣ ପାଇଁ ଲୋକମାନେ ଅଭିଯୋଗ କରିଥିଲେ। ଶିବିରରେ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ତଟବନ୍ଧ ବିଭାଗର ସହକାରୀ ଯନ୍ତ୍ରୀ ଭଞ୍ଜ କିଶୋର ରାଉତ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱ ରଞ୍ଜନ ସ୍ୱାଇଁଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ।

# ଜାମିଆ ଅଶ୍ରଫୁଲ ଉଲୁମକୁ ଏନ୍‌ଆଇଓର ସ୍ୱୀକୃତି

କେନ୍ଦ୍ରାପଡ଼ା, ୩୦।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହର ମହମ୍ମଦବାଡାସ୍ଥିତ ଜାମିଆ ଅଶ୍ରଫୁଲ ଉଲୁମକୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ଓପନ ସ୍କୁଲିଂ (ଏନ୍‌ଆଇଓ) ପକ୍ଷରୁ ସ୍ୱୀକୃତି ମିଳିଛି। ଗତ ୧୦ ତାରିଖରେ ଏ ସମ୍ପର୍କରେ ହୋଇଥିବା ଚିଠି (ନଂ. ୪୦୦୬)ରେ ଦର୍ଶାଯାଇଛି, ଏହି ସ୍କୁଲରେ ମୋଟ ୧୫୦ ଛାତ୍ରୀଛାତ୍ର ପାଠ ପଢ଼ିପାରିବେ। ଏହି ସ୍ୱୀକୃତି ପାଇଁ ୨୦୨୩ ଜୁନରେ ଶିକ୍ଷାନୁଷ୍ଠାନ ପକ୍ଷରୁ ଚିଠି କରାଯାଇଥିଲା।

# ୧୦ବର୍ଷରେ ଆୟର ନଗଦ ୮୫୧ ଟଙ୍କା ହସ୍ତାନ୍ତର କଲେ ଟ୍ରଷ୍ଟି

ମହାକାଳପଡ଼ା, ୩୦।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଦରିଆ ପାରି ମା' ରାମଚଣ୍ଡୀ ମନ୍ଦିର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ଭାବରେ ତହସିଲଦାର ଶିବ ପ୍ରସାଦ ମଲିକ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟ ଦେବୋତ୍ତର କମିଶନଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ପରେ ଟ୍ରଷ୍ଟି ମଥୁରୀ ଚରଣ ସେନାପତି ସୋମବାର ପୂର୍ବାହ୍ନରେ ମା'ଙ୍କ ମନ୍ଦିର ପରିସରରେ ଥିବା ଟ୍ରଷ୍ଟି କାର୍ଯ୍ୟାଳୟରେ ତହସିଲଦାର ମଲିକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ୧୦ ବର୍ଷର ଆୟ ହିସାବରେ ନଗଦ ଭାବେ ଟ୍ରଷ୍ଟି ସେନାପତି ୮୫୧ ଟଙ୍କା ହସ୍ତାନ୍ତର କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୪ ଠାରୁ ୧୦ବର୍ଷ ଧରି ସେନାପତି ଟ୍ରଷ୍ଟି ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ହେଲେ ମନ୍ଦିରର ମୁଖ୍ୟ ଝାମୁଯାତ୍ରାରୁ ଆୟ, ବିବାହ, ଭୋଗ ଦୋକାନ, ଧାନ, ଶ୍ରଦ୍ଧାଳୁମାନେ ଦାନବାକ୍ସରେ ମା'ଙ୍କ ପାଇଁ ଟଙ୍କା, ସୁନା ରୁପା ଦାନ କରିଛନ୍ତି। ବିଜେ ସ୍ଥଳୀରୁ ଦୋକାନ ଭଡ଼ା ବାବଦରେ ବାର୍ଷିକ ୨୦ ଲକ୍ଷ ଟଙ୍କା ଆୟ ହୋଇଥାଏ। ଚଳିତବର୍ଷ ବହୁ ଅଭିଯୋଗ ପରେ ତରବରିଆ ଭାବେ ବ୍ୟାଙ୍କ ଜମା ଖାତାରେ ୬ ଲକ୍ଷ ୩୬ ହଜାର ୨୪୮ ଟଙ୍କା ଥିବା ଉଲ୍ଲେଖ ରହିଛି। ଏଠାରେ ପ୍ରଶ୍ନ ଉଠେ ୧୦ ବର୍ଷ ମଧ୍ୟରେ ୨ କୋଟି ଟଙ୍କା ଆୟ ହୋଇଥିଲେ ମଧ୍ୟ ଏଠାରେ ମୋଟ ନଗଦ ଓ ବ୍ୟାଙ୍କ ଜମା ରାଶି ଏତିକି ରହିଛି ବୋଲି ମା' ରାମଚଣ୍ଡୀ ଆଞ୍ଚଳିକ ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ ଅଭିଯୋଗ କରିଛନ୍ତି। ସେହିପରି ମା'ଙ୍କ ଦୈନନ୍ଦିନ ଆଳି ଅଳଙ୍କାର ବ୍ୟାବହର କରିଥାନ୍ତି। ଆଉ



ଟ୍ରଷ୍ଟ କାର୍ଯ୍ୟାଳୟରେ ତହସିଲଦାର ଦାୟିତ୍ୱ ଗ୍ରହଣ କରୁଛନ୍ତି।

- ମା' ରାମଚଣ୍ଡୀ ମନ୍ଦିରର ଦାୟିତ୍ୱ ଗ୍ରହଣ କଲେ ତହସିଲଦାର
- ଆୟ ବ୍ୟୟର ସ୍ପେଶାଲ୍ ଅଡିଟ ଦାବି କଲେ ସେନା ଆବାହକ

କେତେକ ସୁନାରୁପା ଗହଣା କେନ୍ଦ୍ରାପଡ଼ା ଟ୍ରେଜେରିରେ ଜମା ରହିଛି। ମା'ଙ୍କ ଝାମୁ ଯାତ୍ରାରେ ମନ୍ଦିରକୁ ଆସେ। ତେବେ ବିବାହ ରସିଦରେ ଟଙ୍କା ଆଦାୟର ଉଲ୍ଲେଖ ନାହିଁ ଦେଖିବାକୁ ମିଳିଥିଲା। ପୂର୍ବବର୍ଷ ଭୋଗ ଦୋକାନ ନିଲାମ ଅର୍ଥ ଏକ ଲକ୍ଷ ଟଙ୍କାର ହିସାବ ନାହିଁ କି ମା'ଙ୍କ ବ୍ୟାଙ୍କ ଖାତାରେ ଜମା ହୋଇ ନ ଥିବା ଜଣାପଡ଼ିଛି। ଚଳିତବର୍ଷ ଚାଷ ଜମି ଫସଲର ନିଲାମ ୯୦ ହଜାର ଟଙ୍କାର ହିସାବର ତାଳ ମେଳ ନାହିଁ। ଅପରପକ୍ଷରେ ମା'ଙ୍କ ବିଜେସ୍ଥଳୀ ଜମି ଜବରଦଖଲ ଅଭିଯୋଗ ହେଉଛି। ଜବରଦଖଲକରୀଙ୍କଠାରୁ ଜମି ଉଦ୍ଧାର କରିବାକୁ ସେନା ସଦସ୍ୟମାନେ ଦାବି କରିଛନ୍ତି। ଶ୍ରଦ୍ଧାଳୁମାନଙ୍କ ମାନସିକ ପୂରଣ ପରେ ମା'ଙ୍କ ପୀଠରେ ୩ଟି ମେଣ୍ଢା ଦାନ କରିଥିଲେ ମଧ୍ୟ ଟ୍ରଷ୍ଟି ହିସାବ ଉଲ୍ଲେଖ କରିନାହାନ୍ତି। ମନ୍ଦିର ପରିଚାନା ପାଇଁ ରାଜା ଖଞ୍ଜିଥିବା ୨୨୦ ଏକର ଜମି ବହୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ ହୋଇଥିବା ସେନା ସଦସ୍ୟମାନେ ଅଭିଯୋଗ କରିଛନ୍ତି। ତହସିଲଦାର ମଲିକ ମା'ଙ୍କ ମନ୍ଦିର ଦାୟିତ୍ୱ ଗ୍ରହଣ ପରେ ଅଞ୍ଚଳର ବୁଦ୍ଧିଜୀବୀ ନିରାକାର ଜେନା, ନାରାୟଣ ପଣ୍ଡା, ପ୍ରତାପ ସାମନ୍ତରାୟଙ୍କ ସମେତ ବହୁ ଶ୍ରଦ୍ଧାଳୁମାନେ ବେଶ୍ ପ୍ରଶଂସା କରିଛନ୍ତି। ଟ୍ରଷ୍ଟର ଦାୟିତ୍ୱ ହସ୍ତାନ୍ତର ବେଳେ ରାମନଗର ରାଜସ୍ୱ ନୀରିକ୍ଷକ ବିଜୟ କୁମାର ବେହେରା, ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ମଲିକ ମା' ମନ୍ଦିର ସମସ୍ତ ଦାୟିତ୍ୱ ତଦାରଖ କରିବାକୁ ରାଜସ୍ୱ ନିରୀକ୍ଷକ ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରବିବାର ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ରେକର୍ଡ ପତ୍ର ଯାଞ୍ଚ କରାଯିବ, ଆୟବ୍ୟୟ ହିସାବ କରାଯିବ ବୋଲି ତହସିଲଦାର ମଲିକ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ମଲିକଙ୍କୁ ପଚାରିବାରେ ଦେବୋତ୍ତାର କମିଶନଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶ ପରେ ମା'ଙ୍କ ମନ୍ଦିର ମଧ୍ୟବର୍ତ୍ତୀକାଳୀନ ଦାୟିତ୍ୱ ଗ୍ରହଣ କରିଛି। ଏହାକୁ ସୂଚାରୁ ରୁପେ ପାଳନ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଠିକ୍ ସର୍ଭେରୁ ଚାଷୀ ବଞ୍ଚିତ

- ୩ ଶହ ହେକ୍ଟର ଚାଷଜମିରେ ଭିଜୁଛି ଧାନ
- କ୍ଷେତ୍ର ପରିଦର୍ଶନ ନ କରି ଉପର ଠାଉରିଆ କ୍ରପ୍ କଟିଂ ସର୍ଭେ

ମହାକାଳପଡ଼ା, ୩୦।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ବର୍ଷା ଯୋଗୁ ୩ ଶହ ହେକ୍ଟର ଚାଷ ଜମିରେ ଧାନ ଭିଜୁଛି। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଠିକ୍ ସର୍ଭେ ପାଇଁ ବିଭିଗୀୟ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ନ କରି ଉପର ଠାଉରିଆ କ୍ରପ କଟିଂ ସର୍ଭେ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଠିକ୍ ଭାବେ ସର୍ଭେ ହେଉ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି।

ଚଳିତ ବର୍ଷ ବ୍ଲକରେ ଖରିଫ ଧାନ ଚାଷ ୨୪ ହଜାର ହେକ୍ଟର ଜମିରେ କରାଯାଇଛି। ହେଲେ ସବୁ ଦିଗର ବାସ୍ତବତା ସ୍ଥିତିକୁ ନେଇ ପ୍ରାଥମିକ ସର୍ଭେ ହେଉନାହିଁ ବୋଲି ସ୍ଥାନୀୟ ଚାଷୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ କ୍ରପ କଟିଂ ସର୍ଭେରେ ସାମିଲ୍ ହୋଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ୍ୟ କୃଷି ସହାୟକ ଓ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଚାଷ ଜମି ପାଖକୁ ଯାଉ ନ ଥିବାରୁ ବହୁ ଅଞ୍ଚଳ ସର୍ଭେରୁ ବଞ୍ଚିତ ରହିଛନ୍ତି। ଅପରପକ୍ଷରେ ବ୍ଲକ ଅଞ୍ଚଳରେ



ବ୍ଲକ ଅଞ୍ଚଳରେ ଭିଜି ରହିଥିବା ଧାନ ଗଜା ହେଲାଣି।

ସରକାରୀ ସର୍ଭେ ଅନୁସାରେ ୪୬ ହେକ୍ଟର ଧାନ ଚାଷ ନଷ୍ଟ ହୋଇଥିବା ଆକଳନ କରାଯାଉଥିବାବେଳେ ବାସ୍ତବରେ ୩ ଶହ ହେକ୍ଟର ଜମିରେ ଧାନ ଫସଲ ପାଣିରେ ଭିଜି ରହିଛି। ବାସ୍ତବରେ ବହୁ ଜମିରେ ଖାଲ, କେନାଲ ପାର୍ଶ୍ୱ ଜମିରେ ଏକ ଫୁଟ୍‌ରୁ ଅଧିକ ପାଣି ଜମିଛି ବୋଲି ସ୍ଥାନୀୟ ଚାଷୀ ଶ୍ରୀପତି ପରିଡ଼ା, ଅଶ୍ୱିନୀ ଦିଣ୍ଡା, ହରି ଗୋଚ୍ଛାୟତ ପ୍ରମୁଖ କହିଛନ୍ତି। ବାସ୍ତବ ସ୍ଥିତି ପରଖା ନ ଗଲେ କ୍ଷତିଗ୍ରସ୍ତ ଚାଷୀ ଉଚିତ ସହାୟତା ପାଇ ପାରିବେ ନାହି ବୋଲି ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ପଚାରିବାରେ ସର୍ଭେ ରିପୋର୍ଟ ସମୀକ୍ଷା କରାଯାଉଛି ବୋଲି ସେ କହିଛନ୍ତି।

# ସମବାୟ ସମିତିର ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ



ଅତିଥିମାନେ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଡେରାବିଶ,୩୦।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ରଘୁଦେଇପୁର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ନୂତନ ଗୃହ ନିର୍ମାଣ ସହ ଏହାର ଭିତ୍ତିଭୂମିର ଉନ୍ନତିକରଣ କାର୍ଯ୍ୟ ପାଇଁ ସୋମବାର ଭିତ୍ତିପ୍ରସ୍ତର କରାଯାଇଛି। କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ୭୮ଲକ୍ଷ ବ୍ୟୟବରାଦରେ ଏହି ନୂତନ ନିର୍ମାଣ କାର୍ଯ୍ୟ ହେବାକୁ ଥିବାବେଳେ ପୂଜାର୍ଚ୍ଚନା ପରେ ସମିତି ପରିଚାଳନା ପରିଷଦ ସଭାପତି ତଥା କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସରୋଜକାନ୍ତ ସାହୁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଉପଲକ୍ଷେ ସମବାୟ ସମିତି ସମ୍ପାଦକ ଜୟ ପ୍ରକାଶ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାହୁ ଯୋଗଦାନ କରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ଏହି ସମିତି ଆଗକୁ ଜିଲାର ଏକ ମଡେଲ ପାକ୍ସ ଭାବେ ପରିଗଣିତ ହେବ। ଏଥିପାଇଁ ପୂର୍ତ୍ତ ବିଭାଗ ତତ୍ତ୍ୱାବଧାନରେ ଏହି ସମିତିରେ ଆଧୁନିକ କାର୍ଯ୍ୟାଳୟ ଗୃହ, ପାଇଖାନା, ଗୋଦାମ ଘର ସହ ଏହାର ବାଉଣ୍ଡାରୀ, ଢ଼ଳେଇ ରାସ୍ତା ଓ ଆବଶ୍ୟକ କାମ କରାଯିବ ବୋଲି ସୂଚନା ଦେଇଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ପରିଷଦର ଉପସଭାନେତ୍ରୀ ସୁଲୋଚନା ସାହୁ, ନିର୍ଦ୍ଦେଶିକା ହେମଲତା ମଲ୍ଲିକ, ନିର୍ଦ୍ଦେଶକ ଭରତ ଚନ୍ଦ୍ର ମଲ୍ଲିକ, ଭରତ ଚନ୍ଦ୍ର ସିଂହ, ନିରଞ୍ଜନ ଦାଶ, କାମଦେବ ନାୟକ, ଗୋଲଖ ଚନ୍ଦ୍ର ମଲ୍ଲିକ, ଖଗେଶ୍ୱର ସିଂହ, କୈଳାସ ଚନ୍ଦ୍ର ସାହୁ, ଭଜହରୀ ମଲ୍ଲିକ, ଭବାନୀ ପ୍ରସାଦ ଓଝା, ଅର୍ଜୁନ ଘଡାଇ, ସତ୍ୟରଞ୍ଜନ ସାମଲ ଓ ଗଙ୍ଗାଧର ମଲ୍ଲିକଙ୍କ ସହ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ। ଉତ୍ସବ ପ୍ରାରମ୍ଭରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ବିୟୋଗରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଗତ ସପ୍ତାହରେ ହୋଇଥିବା ଅଦିନିଆ ଲଗାଣ ବର୍ଷାରେ ପାଚିଲା ଓ ଅମଳକ୍ଷମ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଏଥିପାଇଁ ଅଞ୍ଚଳର ଚାଷୀକୁଳଙ୍କ ଆର୍ଥିକ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ତେଣୁ ସରକାର ଅଞ୍ଚଳର ଚାଷୀମାନଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ସହ ସେମାନଙ୍କ କୃଷି ଋଣ ଛାଡ଼ କରିବା ନିମନ୍ତେ ପଦକ୍ଷେପ ନେବାକୁ ଏକ ଦାବିପତ୍ର ପ୍ରଶାସନକୁ ପ୍ରଦାନ ପାଇଁ ଏହି ଉତ୍ସବରେ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା। ସମିତିର ସହସମ୍ପାଦକ ଉମେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏଥିରେ ପରିଚାଳନାରେ ସମିତି କର୍ମଚାରୀ ଧୂଳି ସେଠୀ, ସନ୍ତୋଷ ସାମଲ ଓ ରବିନାରାୟଣ ସ୍ୱାଇଁସହଯୋଗ କରିଥିଲେ। ସୂଚନାଯୋଗ୍ୟ, ରଘୁଦେଇପୁର ପାକ୍ସ ଅଧୀନରେ ରଘୁଦେଇପୁର, ବେଣୀପୁର, ମଙ୍ଗଳପୁର ପଞ୍ଚାୟତର ସମ୍ପୂର୍ଣ୍ଣ ଅଞ୍ଚଳ ସହ କରୁଜଙ୍ଗା ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ଅର୍ଦ୍ଧାଧିକ ଅଞ୍ଚଳର ଚାଷୀ ସଭ୍ୟ ଭାବେ ରହିଛନ୍ତି।

# ରାମଚଣ୍ଡୀ ପୀଠର ଭୂସମ୍ପତ୍ତି ଉଦ୍ଧାର ପାଇଁ ସ୍ମାରକପତ୍ର

କେନ୍ଦ୍ରାପଡ଼ା, ୩୦।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗରର ମା' ଦରିଆ ରାମଚଣ୍ଡୀ ପୀଠର ଭୂସମ୍ପତି ଉଦ୍ଧାର ଓ ଆୟ ବ୍ୟୟର ସ୍ୱତନ୍ତ୍ର ଅଡିଟ୍ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ସୋମବାର ଏଡିଏମ୍ ନିଲୁ ମହାପାତ୍ରଙ୍କୁ ଦିଆଯାଇଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନ (ଓସା)ର ଜିଲା ଆବାହକ ପ୍ରତାପ କୁମାର ମହାନ୍ତିଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି ସ୍ମାରକପତ୍ରରେ ପୀଠର ବହୁ ମୂଲ୍ୟ ସମ୍ପତି ଓ ଅର୍ଥ ହେରଫେର ହୋଇଥିବାର ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ସାମାଜିକ କର୍ମୀ ହରେକୃଷ୍ଣ ପାତ୍ର କହିଛନ୍ତି, ଏହି ଅଧ୍ୟାତ୍ମିକ ପୀଠ ଐତିହାସିକ ଚିହ୍ନ ବହନ କରୁଛି। ପ୍ରାୟ ୨୨୦ ଏକର ସମ୍ପତି ପୀଠ ଅଧିଷ୍ଠାତ୍ରୀଙ୍କ ଦୈନନ୍ଦିନ ପରିଚାଳନା ପାଇଁ ପୂର୍ବରୁ ରହିଥିଲା। ଏବେ ଏହାର ୯୦ ପ୍ରତିଶତ ଜମି କେତେଜଣ ବ୍ୟକ୍ତିଙ୍କ ଅକ୍ତିଆରକୁ ଚାଲିଯାଇଛି। ସେହିପରି ୧୯୭୨ ମସିହାରୁ ଏହାର ଆୟ ବ୍ୟୟର ସ୍ୱତନ୍ତ୍ର ଅଡିଟ୍ ହେଲେ ଅର୍ଥ ହଡ଼ପର ତଥ୍ୟ ମିଳିପାରିବ। ଏଥିପାଇଁ ଜିଲାପାଳଙ୍କ ସମେତ ପୀଠ ସମ୍ପର୍କୀୟ ବିଭିନ୍ନ ବିଭାଗକୁ ଏହି ସ୍ମାରକପତ୍ର ଦିଆଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ସୁବ୍ରତ ସେଠୀ, ପ୍ରଭାତ ରଞ୍ଜନ ଜେନା, ନଗେନ୍ଦ୍ର ଜେନା, ବିଘ୍ନେଶ ସେଠୀ, ନିରଞ୍ଜନ ପରିଡା, ଅମିତାଭ ଚାନ୍ଦ୍, ମୃତ୍ୟୁଞ୍ଜୟ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

# ପଞ୍ଚାମୁଣ୍ଡାଇ ସହର ସାରା ବେସରକାରୀ ବିଜ୍ଞାପନ

ପଞ୍ଚାମୁଣ୍ଡାଇ, ୩୦।୧୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଞ୍ଚାମୁଣ୍ଡାଇ ସହର ବଜାର ଗଳି କନ୍ଦି, କାନ୍ଥବାଡ଼ ଓ ବିଦ୍ୟୁତ୍ ଖୁଣ୍ଟ ସବୁଆଡ଼େ ଖାଲି ବେସରକାରୀ ଅଭିନନ୍ଦନ ବିଜ୍ଞାପନ ବ୍ୟାନର ଲଗାଯାଇଛି। ପୌର ପରିଷଦ ବିନା ଅନୁମତିରେ ବେସରକାରୀ ଭାବେ ପୋଷ୍ଟର, ବ୍ୟାନର ସହର ସାରା ଲଗାଯାଇଥିବା ବେଳେ ଏହାର ଟିକସ୍ କିଏ ଅସୁଲ କରୁଛି ତାହାର ହିସାବ କର୍ମଚାରୀଙ୍କ ପାଖରେ ନ ଥିବାବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ପୌର ପରିଷଦ ଆଇନ ଏଠାରେ ଖୋଲାଖୋଲି ଉଲ୍ଲଂଘନ ହେଉଥିବା ନେଇ ସାଧାରଣରେ ମତପ୍ରକାଶ ପାଇଛି।

ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ପୌର ପରିଷଦ ବିନା ଅନୁମତି ଓ ଟିକସ ନ ଦେଇ ପୌରାଞ୍ଚଳରେ କୌଣସି ଜାଗାରେ ପୋଷ୍ଟର, ବ୍ୟାନର, ହୋର୍ଡିଂ ଆଦିରେ ବିଜ୍ଞାପନ ମାରିବା ଆଇନଗତ ଅପରାଧ। ହେଲେ ପଞ୍ଚାମୁଣ୍ଡାଇ ପୌରାଞ୍ଚଳରେ ଏହାର ଖୋଲାଖୋଲି ଉଲ୍ଲଂଘନ ହେଉଛି। ପଞ୍ଚାମୁଣ୍ଡାଇ ସହରରେ ଆଜି କାଲି ଯେଉଁଠି ସେଠି ଅଭିନନ୍ଦନ ବ୍ୟାନର ଲଗାଯାଉଛି। ଗଳି କନ୍ଦି, କାନ୍ଥବାଡ଼ କିମ୍ବା ବିଦ୍ୟୁତ୍ ଖୁଣ୍ଟରେ ସବୁଆଡ଼େ ଖାଲି ପୋଷ୍ଟର ହୋର୍ଡିଂ ଲଗାଯାଇଛି। ପଞ୍ଚାମୁଣ୍ଡାଇ ସହରରେ ବେସରକାରୀ ବିଜ୍ଞାପନ ପୋଷ୍ଟର୍‌କୁ ଅଭିନନ୍ଦନ ହୋର୍ଡିଂ ଦେଖିଲେ ଲାଗୁଛି ପୌରପାଳିକା ମାସିକେ ଟିକସ ଆକାରରେ ବହୁ ଅର୍ଥ ରାଜସ୍ୱ ଆଦାୟ କରୁଛନ୍ତି।

## ପୌର ପରିଷଦ ପକ୍ଷରୁ ଆଦାୟ ହେଉନି ଟିକସ



ପଞ୍ଚାମୁଣ୍ଡାଇ ସହରରେ ଲାଗିଥିବା ବ୍ୟାନର।

ବୁଦ୍ଧିଜୀବୀ ପ୍ରବୀର ନାୟକ କହିଛନ୍ତି, ସହରରେ ଥିବା ଦୋକାନୀମାନେ ନିଜ ଦୋକାନ ସମ୍ମୁଖରେ ବୋର୍ଡ ଲଗାଇଥିବା ବେଳେ ଦୋକାନ ଆଗରେ ବଡ଼ବଡ଼ ଷ୍ଟାଣ୍ଡ ହୋର୍ଡିଂ କରି ସର୍ବସାଧାରଣ ରାସ୍ତାକୁ ମଡ଼ାଇ ରଖୁଥିବାରୁ ସହରରେ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି। ବିଭିନ୍ନ ଛକ ଜାଗାରେ ବିଜ୍ଞାପନ ପାଇଁ ବଡ଼ବଡ଼ ହୋର୍ଡିଂ ଲଗାଯାଇଥିବାରୁ ଆସୁଥିବା ଯାନବାହାନ ଦେଖା ନ ଯିବାରୁ ଦୁର୍ଘଟଣା ଘଟୁଛି। ଏଭଳି ପୋଷ୍ଟର, ବ୍ୟାନର, ହୋର୍ଡିଂ ମାରି ପରିବେଶକୁ ଅପରିଷ୍କାର କରୁଥିବା ନେଇ ଅଭିଯୋଗ ହେଉଛି। ପୂଜାରାଣୀ ପାତ୍ର କହିଛନ୍ତି, ଦିନକ ପରେ ନୂଆବର୍ଷ ୨୦୨୫। ଏହି ନୂତନ ବର୍ଷକୁ ସମସ୍ତେ ନିଜ ନିଜ ଢଙ୍ଗରେ ପାଳନ କରିବାରେ ବ୍ୟସ୍ତ। ଏହାରି ଭିତରେ ରାଜନୈତିକ ବ୍ୟକ୍ତିମାନେ ନିଜର ପ୍ରଚାର ଓ ପ୍ରସାର କରିବାକୁ ବ୍ୟାନର ପୋଷ୍ଟରରେ ପଞ୍ଚାମୁଣ୍ଡାଇ ସହରକୁ ଛାଇଁ ଦେଇଛନ୍ତି। ଫଳରେ ସହରରେ ସୌନ୍ଦର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ପୌରପାଳିକାରେ ବ୍ୟାନର ପୋଷ୍ଟର ଲଗାଇବା ପାଇଁ ସ୍ୱତନ୍ତ୍ର ନିୟମାବଳୀ ଥିବାବେଳେ ଏହାକୁ କେହି ମାନୁ ନାହାନ୍ତି। ପୌରପାଳିକା ଏ ନେଇ ଉକ୍ତ ବ୍ୟକ୍ତିଙ୍କ ଉପରେ କୌଣସି ନୋଟିସ ମଧ୍ୟ କରୁ ନ ଥିବା ଜଣାପଡିଛି। ସେହିପରି ନୂତନ ବର୍ଷରେ ଅଭିନନ୍ଦନ ବାର୍ତ୍ତା ରାଜନୈତିକ ନେତାମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଲଗାଇଛନ୍ତି। ପୌର ଅଧିକାରୀ ଚୁପଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହାରି ଭିତରେ ପୌରପାଳିକାର ଟିକସ ଆୟକୁ ନେଇ ଆଖି ବୁଜି ଦେଇଥିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରିଙ୍କୁ ପଚାରିବାରେ କିଛି ଟିକସ ଆଦାୟ ହେଉଛି। ଯୋଉଁମାନେ ବିନା ଅନୁମତିରେ ଲଗାଇଛନ୍ତି ଇନଫ୍ରୋର୍ସ ଟିମ୍ ସେଗୁଡ଼ିକୁ ହଟାଇବାର ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି।

**ସ୍କୁଟି ଚୋରି ଅଭିଯୋଗ ଅଭିଯୁକ୍ତ ଜେଲ ଗଲେ**

ନୟାଗଡ଼,(ଲୋକନାଥ ମିଶ୍ର): ନୟାଗଡ଼ ଟାଉନ ଥାନା ପୋଲିସ ଜଣେ ସ୍କୁଟର ଚୋରି କରିଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଦଶପଲ୍ଲା ହରିଡାବାଡ଼ି ଗାଁର ଅନ୍ତର୍ଯ୍ୟାମୀ ପରିଡା(୩୭)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ହରିଡାବାଡ଼ି ଗାଁର ଅନ୍ତର୍ଯ୍ୟାମୀ ନୟାଗଡ଼ ପୁରୁଣା ସହରରେ ଭଡ଼ାରେ ରହୁଥିଲେ। ଅନ୍ତର୍ଯ୍ୟାମୀ ନୟାଗଡ଼ ପୁରୁଣା ସହରର ବନିତା ପଟ୍ଟନାୟକଙ୍କର ସ୍କୁଟିକୁ ଗତ ଡିସେମ୍ବର ୯ରେ ନେଇ ଯାଇଥିଲେ। ଚୋରି ନେଇ ବନିତା ଅଭିଯୋଗ କରିବା ପରେ ପୋଲିସ ୪୫୭/୨୪ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅନ୍ତର୍ଯ୍ୟାମୀଙ୍କର ଘର ଦଶପଲ୍ଲାରୁ ଚୋରି ସ୍କୁଟି ଜବତ ହୋଇଛି।



## ସଂକ୍ଷେପରେ

### ୨୦୧୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ରଣପୁର,୩୦।୧୨(ସୁକାନ୍ତ କିଶୋର ଡାକୁଆ)

ରଣପୁର ପଞ୍ଚାୟତ ହାଇସ୍କୁଲ ବ୍ରଜରାଜପୁରର ୨୦୧୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଶ୍ୟାମଘନପୁର ଗ୍ରାମର ପାହାଡ଼ ଉପରେ ଥିବା ମା' ତାରିଣୀଙ୍କ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ସହପାଠୀ ଏକାଠି ହୋଇ ପୁରଣା ଦିନର ସ୍ମୃତିକୁ ସାଉଁଟି ଥିଲେ। ପରେ ସମସ୍ତ ସହପାଠୀଙ୍କ ମଧ୍ୟରେ ବୈଠକ ହୋଇଥିଲା। ଶେଷରେ ଏକ ନୈଶ୍ୟ ଭୋଜିର ଆୟୋଜନ କରାଯାଇଥିଲା।

### ହୃଦ୍‌ଘାତରେ ହୋଟେଲ ମାଲିକଙ୍କ ମୃତ୍ୟୁ

**ବନ୍ଧୁମିଳନ ପାଇଁ ଛାଣୁଥିଲେ ପୁରି**

ଖଣ୍ଡପଡ଼ା,୩୦।୧୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୮୪ ମାଟ୍ରିକ ବ୍ୟାଚ ସହପାଠୀଙ୍କ ରବିବାର ମା' ନାରାୟଣୀଙ୍କ ପୀଠରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ କରୁଥିଲେ। ସହପାଠୀଙ୍କ ପାଇଁ ଜଳଖିଆରେ ପୁରି ଛାଣି ସେମାନଙ୍କୁ ଖାଇବାକୁ କଣ୍ଟିଲୋସ୍ଥିତ ଜଗନ୍ନାଥ ହୋଟେଲର ମାଲିକ ସନ୍ତୋଷ କୁମାର ସାହୁ(୫୪) ଦେଇଥିଲେ। ପରେ ସକାଳ ସାଢ଼େ ୯ଟାରେ ସନ୍ତୋଷ ନିଜ ହୋଟେଲରେ ଜଳଖିଆ ପ୍ରସ୍ତୁତିରେ ବ୍ୟସ୍ତ ଥିବାବେଳେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ଅସହ୍ୟ କଷ୍ଟ ଅନୁଭବ କରି ସନ୍ତୋଷ ବାଇକ୍‌ରେ ନିକଟସ୍ଥ ଘରୋଇ ଚିକିତ୍ସାଳୟକୁ ଯାଇ 'ମୋତେ ଶୀଘ୍ର ଦେଖନ୍ତୁ, ମୋର କ'ଣ ହୋଇଯାଉଛି ବୋଲି କହିଥିଲେ। ତେବେ ଚିକିତ୍ସକଙ୍କ ପରାମର୍ଶକ୍ରମେ ଔଷଧ ଦୋକାନରୁ ଏକ ନେବୁଲାଇଜର ଅଣାଯାଇ ସନ୍ତୋଷଙ୍କ ନାକରେ ଦିଆଯାଇଥିଲା। ସେତେବେଳକୁ ସେ ସମ୍ପୂର୍ଣ୍ଣ ଅଣନିଃଶ୍ୱାସୀ ହୋଇ ଟଳି ପଡ଼ିଥିଲେ। ପରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା ପରେ ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଛି କହିଥିବା ପରିବାର ସୂତ୍ରରୁ ଜଣାଯାଇଛି। ସ୍ଥାନୀୟ ଶଙ୍ଖତୋଟା ଶ୍ମଶାନ ଘାଟରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ପୁତ୍ର ସିନ୍ଟୁ ମୁଖାଗ୍ନି ଦେଇଥିଲେ। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ସହପାଠୀଙ୍କ ପକ୍ଷରୁ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମ ମଉଳି ଯାଇଥିଲା। ଜଣେ ଉତ୍ତମ ବନ୍ଧୁଙ୍କ ଶେଷ ବିଦାୟ ସହପାଠୀମାନେ ଦେଇଥିଲେ।

### ସାତଗାଁ ବିଦ୍ୟାଧର ଉଚ୍ଚ ବିଦ୍ୟାଳୟର ସହପାଠୀଙ୍କ ବନ୍ଧୁମିଳନ

ଖଣ୍ଡପଡା,୩୦।୧୨(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ସାତଗାଁ ଉଚ୍ଚ ବିଦ୍ୟାଳୟର ୨୦୦୨ ମାଟ୍ରିକ ବ୍ୟାଚ ସହପାଠୀଙ୍କ ଏକ ବନ୍ଧୁମିଳନ ସ୍ଥାନୀୟ ପଥରଦ୍ୱାର ନିକଟ ମା' ବରୁଣେଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ପୀଠରେ ପ୍ରଥମେ ପୂଜାର୍ଚ୍ଚନା ପରେ ସହପାଠୀମାନେ ବିଗତ ଦିନର ସ୍ମୃତିକୁ ମନେ ପକାଇ ଭାବର ଆଦାନ ପ୍ରଦାନ କରିଥିଲେ। ସହପାଠୀ ଅକ୍ଷୟ କୁମାର ବିଶ୍ୱାଳ, ବିଶ୍ୱନାଥ ପ୍ରତାପ ସ୍ୱାଇଁ, ହଟକେଶ୍ୱର ବେହେରା, ବାଳକୃଷ୍ଣ ସ୍ୱାଇଁ, କମଳଲୋଚନ ଆଚାର୍ଯ୍ୟ ଓ କହ୍ନେଇ ବେହେରାଙ୍କ ପ୍ରୟାସରେ ଏହି ବନ୍ଧୁ ମିଳନ ହୋଇଥିଲା।

# ୫୬ ପଞ୍ଜୀକୃତ ଅଭିଯୋଗରୁ ୪ ତତ୍କାଳ ସମାଧାନ

**ମିଳିତ ଅଭିଯୋଗ ଶୁଣାଣି ଶିବିର**

ନୂଆଗାଁ, ୩୦।୧୨ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଜୀକୃତ ହୋଇଥିବା ୫୬ଟି ଅଭିଯୋଗ ମଧ୍ୟରୁ ୪୨ଟି ବ୍ୟକ୍ତିଗତ, ୧୨ଟି ସାମୂହିକ ଓ ୨ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ସମ୍ପର୍କିତ ଥିଲା। ତେବେ ପଞ୍ଜୀକୃତ ହୋଇଥିବା ଅଭିଯୋଗ ମଧ୍ୟରୁ ୪ ଗୋଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ଶିବିରରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲା, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଜିଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା, ଏସ୍‌ଡିପିଓ ସୁଦର୍ଶନ ଗଙ୍ଗାଇ, ବିଡିଓ ଅମୃତ କୁମାର ରାଉଳ, ତହସିଲଦାର ହେମନ୍ତ କୁମାର ନାୟକ ସମେତ ବିଭିନ୍ନ ବିଭାଗର ଜିଲା ଅଧିକାରୀ ଓ ବ୍ଲକ ଅଧିକାରୀ, କର୍ମଚାରୀମାନେ ଉପସ୍ଥିତ ଥିଲେ ।

ନୂଆଗାଁ ବ୍ଲକରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ବାରମ୍ବାର ଅଭିଯୋଗ କରି କୌଣସି ସୁଫଳ ମିଳୁ ନ ଥିବା ନେଇ ଅନେକ ଅଭିଯୋଗକାରୀ ବିରକ୍ତି ଭାବ ପ୍ରକାଶ କରୁଛନ୍ତି। ଶିବିର ପ୍ରତି ଲୋକଙ୍କର ଭରସା ତୁଟି ଯାଉଥିବା ଅଭିଯୋଗକାରୀ ଅଭିଯୋଗ କରୁଛନ୍ତି। ଏ ବାବଦରେ ନୂଆଗାଁ ବ୍ଲକର ଜଣେ ଅଧିକାରୀଙ୍କୁ ପଚାରିବାରେ ସେ ନିଛକ ସତ କଥା କହିବାକୁ ଯାଇ ଜିଲାପାଳଙ୍କୁ ଅଭିଯୋଗ କଲେ ମଧ୍ୟ ସେହି ଅଭିଯୋଗ ପତ୍ର ଆମରି ପାଖକୁ ହିଁ ଆସୁଛି। ତେଣୁ ପୂର୍ବରୁ ଯଦି ସମାଧାନ ହୋଇନି ଏବେ କେମିତି ହେବ ବୋଲି କହିଛନ୍ତି। ବ୍ଲକରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ନୂଆଗାଁ ହାଇସ୍କୁଲ ମଧ୍ୟରେ ଚାଲୁଛି। ବର୍ତ୍ତମାନ ଯୁଦ୍ଧକାଳୀନ ଭିତ୍ତିରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତେଣୁ ଆଦର୍ଶ ବିଦ୍ୟାଳୟ ନିଜସ୍ୱ ଗୃହକୁ କାର୍ଯ୍ୟକ୍ଷମ କରି ଛାତ୍ରୀଛାତ୍ରଙ୍କୁ ସେଠାକୁ ସ୍ଥାନାନ୍ତର କରିବାକୁ ଅଭିଭାବକମାନେ ଲିଖିତ ଅଭିଯୋଗ କରିଥିଲେ। ନୂଆଗାଁ ରେଳ ଷ୍ଟେଶନକୁ ଯାତାୟାତ ପାଇଁ ପକ୍କା ରାସ୍ତା ନାହିଁ। ଠିକା ସଂସ୍ଥା ରାସ୍ତାକୁ ଅଧାନ୍ତରିଆ ଭାବେ ଛାଡ଼ିଛନ୍ତି। ତେଣୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ନୂଆଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ପାଇଁ ଅଭିଯୋଗ ହୋଇଛି। ବିଶ୍ୱନାଥ ଜାନୀ ୨୦୧୨ରୁ ଭିଏଲଡବ୍ଲ୍ୟୁ ପଦରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ପେନସନ ନ ମିଳିବାରୁ ସେ ପୂର୍ବରୁ ୨୮।୧୦।୨୪ ରେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ତଥାପି ସୁଫଳ ନ ପାଇବାରୁ କାନ୍ଦି କାନ୍ଦି ଜିଲା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପଣ୍ଡାଙ୍କୁ ଅଭିଯୋଗ କରିଥିଲେ। ପଣ୍ଡା ବରିଷ୍ଠ ରାଜସ୍ୱ ସହାୟକ ସୁମିତ୍ରା ମଲ୍ଲିକଙ୍କୁ ଶିବିରକୁ ଡାକି ତାଗିଦ କରିବା ସହ କାଲି ସୁଦ୍ଧା ଜାନୀଙ୍କ ସମସ୍ୟାର ସମାଧାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚାହାଳି ଜ୍ୟୋତ୍ସ୍ନାବାଳା ପଟ୍ଟନାୟକ ଆବାସ ନିର୍ମାଣ କରିବାର ବର୍ଷେ ବିତି ଯାଇଥିଲେ ମଧ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କା ନ ପାଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ତଦନ୍ତ କରିବାରେ ହିତାଧିକାରୀ ଦେଇଥିବା ଆକାଉଣ୍ଟକୁ ଟଙ୍କା ନ ଯାଇ ଅନ୍ୟ ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଟଙ୍କା ଛଡା ଯାଇଥିବା ଜଣାପଡ଼ିଥିଲା।



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

# ଓଡ଼ିଆ ଅଧ୍ୟାପକଙ୍କ ନାଁରେ ମାମଲା

**ନୟାଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ମାରପିଟ ଅଭିଯୋଗ**

ନୟାଗଡ଼,୩୦।୧୨(ଲୋକନାଥ ମିଶ୍ର)

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ ପଟ୍ଟନାୟକଙ୍କୁ ସେହି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ମାରପିଟ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ରଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଓଡ଼ିଆ ବିଭାଗରେ ବିଭିନ୍ନ ଅନିୟମିତତା ଅଭିଯୋଗ ପରେ ଓଡ଼ିଆ ଅଧ୍ୟାପକଙ୍କର କିଛି ଦାୟିତ୍ୱକୁ ଅନ୍ୟ ଅଧ୍ୟାପକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏଥିରେ ଓଡ଼ିଆ ଅଧ୍ୟାପକ ଉତ୍ତେଜିତ ହୋଇ ଅଧ୍ୟକ୍ଷଙ୍କ ଚାମ୍ବରରେ ଗାଳିଗୁଲଜ କରିଥିଲେ। ପରେ ବାହାରେ ମାରପିଟ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପରେ ଘଟଣାର ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି।

# ବକୁଳ ଅମାବାସ୍ୟା ପାଳିତ, ଚାରାରୋପଣ

ଖଣ୍ଡପଡ଼ା,୩୦।୧୨ (ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ଦେବତା ଭାବେ ପରିଚିତ କଣ୍ଟିଲୋ ନୀଳମାଧବଜୀଉଙ୍କ ମନ୍ଦିରରେ ସୋମବାର ବକୁଳ ଅମାବାସ୍ୟା ପାଳିତ ହୋଇଯାଇଛି। ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ସମ୍ପନ୍ନ ପରେ ବଲ୍ଲଭ ବେଶ ସମ୍ପନ୍ନ ହୋଇ ସକାଳ ଧୂପ ଉଠିବା ବେଳେ ରୋଷରୁ ବଉଳ ଗଇଁଠା ଅଣାଯାଇ ଠାକୁରଙ୍କୁ ଷୋଡ଼ଶ ଉପଚାର ଭୋଗ ଲାଗି ହୋଇଥିଲା। ପୌଷମାସ ଅମାବାସ୍ୟା ତିଥିକୁ ବଉଳ ଅମାବାସ୍ୟା କୁହାଯାଏ। ବକୁଳ ବା ବଉଳ ଶବ୍ଦର ଅର୍ଥ ହେଲା ଆମ୍ବ ଗଛର ଫୁଲ। ଠାକୁରଙ୍କଠାରେ ବକୁଳ ଅମାବାସ୍ୟା ନୀତିର ତାତ୍ପର୍ଯ୍ୟ ହେଲା ଆମ୍ବ ବୃକ୍ଷର ସଂରକ୍ଷଣ ଓ ଆମ୍ବର ବର୍ଦ୍ଧିତ ଉତ୍ପାଦନ। ମାତ୍ର ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟ ସରକାରଙ୍କ ଯୋଜନାକ୍ରମେ ବିଭିନ୍ନ ରାସ୍ତାର ସମ୍ପ୍ରସାରଣ ତଥା ନବୀକରଣ ଯୋଗୁ ଗଡଜାତ ଅମଳରୁ ରାସ୍ତା ପାର୍ଶ୍ୱରେ ରୋପଣ କରାଯାଇଥିବା ବହୁ ପୁରାତନ ଆମ୍ବ ଗଛ କଟା ଯାଇଛି। ଆଗାମୀଦିନରେ ବଉଳ କାହିଁକି ବିଭିନ୍ନ ଶୁଭ କାମରେ ଆମ୍ବ ଡାଳଟିଏ ଦେଖିବା ସ୍ୱପ୍ନ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏହା ଛଡ଼ା ଖଣ୍ଡପଡ଼ା ଜଗନ୍ନାଥ ଜୀଉ, ରଘୁନାଥ ଜୀଉ, ମହିମା ମେରୁ, ଉମାଦେଈ ଠାକୁରାଣୀ, ପ୍ରଭୁ ରାମେଶ୍ୱର ଠାକୁର, ଜଗନ୍ନାଥପ୍ରସାଦ ଦରଦା ଗ୍ରାମର ମହିଷାଶୁଣୀ ଓ ସିଧାମୂଳା ଗ୍ରାମସ୍ଥିତ ମଧୁମର୍ଣ୍ଣିକା ପାହାଡର ମଧ୍ୟ ଭାଗରେ ବିରାଜିତ ଗୋକୁଳାନନ୍ଦ ଜୀଉ ମନ୍ଦିରରେ ବକୁଳ ଅମାବାସ୍ୟା ପର୍ବ ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଛି। ଗୋକୁଳାନନ୍ଦ ପୀଠରେ ଦୁଗ୍ଧ ଗଇଁଠା ସହ ପୀଠ ପରିସରରେ ଥିବା ଆମ୍ବ ବଉଳକୁ ଠାକୁରଙ୍କଠାରେ ପୂଜା କରାଯାଇଥିଲା। ଠାକୁରଙ୍କ ଏହି ବେଶ ଦର୍ଶନ ପାଇଁ ଅପରାହ୍ନରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ବକୁଳ ଅମାବାସ୍ୟ ଅବସରରେ କଣ୍ଟିଲୋ ଅଞ୍ଚଳର ଗଛସାର ଭାବେ ପରିଚିତ ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ ଧାନ ଚେଙ୍ଗଡ଼ା ପଞ୍ଚାୟତ ଅନ୍ତର୍ଗତ କାଳିଆପଲ୍ଲୀ ଗ୍ରାମ ତଥା ନୀଳମାଧବ ଜୀଉଙ୍କ ଆଦ୍ୟ ସେବକ ବିଶ୍ୱାବସୁ ଶବର ରାଜାଙ୍କ ସ୍ମୃତି ପୀଠରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଚାରା ରୋପଣ କରାଯାଇଛି। ଆମ୍ବ ଗଛର ସୁରକ୍ଷା ପାଇଁ ସଚେତନ ସୃଷ୍ଟି କରାଯାଇଥିଲା।

# ହଜାରେ ଟଙ୍କା ଭତ୍ତା ପାଇଁ ୪ ଶହ ଖର୍ଚ୍ଚ

ଗଣିଆ, ୩୦।୧୨
(ସନ୍ତୋଷ କୁମାର ପ୍ରଧାନ)

ଅସହାୟ ବୃଦ୍ଧା, ବୃଦ୍ଧ ଓ ବିଧବା ମହିଳାମାନଙ୍କ ଗୁଜୁରାଣ ମେଣ୍ଟାଇବାକୁ ସରକାର ମାସିକ ୧ହଜାର ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି। ଏହି ଭତ୍ତା କେତେଜଣ ବୃଦ୍ଧାବୃଦ୍ଧଙ୍କୁ ପଞ୍ଚାୟତ ସ୍ତରରେ ଦିଆଯାଉଥିବା ବେଳେ ଆଉ କେତେଜଣ ହିତାଧିକାରୀଙ୍କୁ ବ୍ୟାଙ୍କ୍ ଆକାଉଣ୍ଟ ଦ୍ୱାରା ପ୍ରଦାନ କରାଯାଉଛି। ଯେଉଁ ହିତାଧିକାରୀମାନେ ବ୍ୟାଙ୍କ୍‌ରୁ ଭତ୍ତା ଆଣୁଛନ୍ତି, ସେମାନେ ଅଧିକ ଖର୍ଚ୍ଚାନ୍ତ ହେବାସହ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ୧ ହଜାର ଟଙ୍କା ଭତ୍ତା ପାଇଁ ୪ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ଗଣିଆ ବ୍ଲକ ବଡ଼ସିଲିଙ୍ଗା ପଞ୍ଚାୟତ ବାଙ୍କଝରି ଗ୍ରାମର ଝୁମ୍ପା ମଲ୍ଲିକ କହିଛନ୍ତି, ଝୁମ୍ପାଙ୍କ କହିବା ଅନୁଯାୟୀ, ବଙ୍କଝରୀ ଗ୍ରାମଠାରୁ ଗଣିଆରେ ଥିବା ବ୍ୟାଙ୍କ୍ ୪୦ କି.ମି. ଦୂର। ବ୍ୟାଙ୍କ୍‌କୁ ଯିବାକୁ ହେଲେ ଅଟୋ ଭଡ଼ା ୩ ଶହ ଟଙ୍କା ଓ ଖାଇବା ଶହେ ଟଙ୍କା ଖର୍ଚ୍ଚ ହେଉଛି। ଯଦି କେଉଁଦିନ ବ୍ୟାଙ୍କ୍ ରେ ଲିଙ୍କ ଫେଲ୍ ହେଉଛି, ତାହା ପର ଦିନ ଗଲେ ୨ଗୁଣ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନ୍ୟପକ୍ଷେ ଅସହାୟ ବୃଦ୍ଧାବୃଦ୍ଧ ବ୍ୟାଙ୍କରେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହେବା ଅତ୍ୟନ୍ତ କଷ୍ଟ ବୋଲି ସେ କହିଛନ୍ତ। ସରକାର ଆମକୁ ଚଳିବା ପାଇଁ ଭତ୍ତା ଦେଉଛନ୍ତି ସତ, ହେଲେ ଏହି ସମସ୍ୟାର ସମାଧାନ କରି ଆମକୁ ଗାଁ ପାଖରେ ଭତ୍ତା ଦେଲେ ଭଲ ହୁଅନ୍ତା ବୋଲି ଅନ୍ୟ ଜଣେ ହିତାଧିକାରୀ କାଞ୍ଚନ ଜନୀ କହିଛନ୍ତି। ଏ ସମ୍ପର୍କରେ ଗଣିଆ ବିଡିଓ ବେବିତା ମଞ୍ଜରୀ ନାୟକଙ୍କୁ ପଚାରିବାରୁ ଗଣିଆରୁ ବଦଳି ହୋଇଗଲିଣୀ ଆପଣ ତହସିଲଦାରଙ୍କୁ ଯୋଗାଯୋଗ କରନ୍ତୁ। ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳି ନ ଥିଲା।



ଭତ୍ତା ପାଇଁ ଆସିଥିବା ବୃଦ୍ଧାମାନେ।

### ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ଇସ୍ତଫା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ରଣପୁର,୩୦।୧୨ (ସୁକାନ୍ତ କିଶୋର ଡାକୁଆ)

ଅଦିନିଆ ଲଗାଣ ବର୍ଷା ରେ ରଣପୁରରେ ଚାଷୀଙ୍କ ପାଚିଲା ଧାନ ନଷ୍ଟ ହୋଇ ଗଜା ହେବା ସହ ରବି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଚାଷୀମାନେ ମାନସିକ ଭାବେ ଭାଙ୍ଗି ପଡ଼ି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅଥଚ ଜିଲା ଓ ସ୍ଥାନୀୟ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛନ୍ତି। ସରକାର ଓ ପ୍ରଶାସନର ଏଭଳି ନିଷ୍କ୍ରିୟତା ପ୍ରତିବାଦ କରି ସିପିଆଇଏମ୍ ରଣପୁର ଆଞ୍ଚଳିକ କମିଟି ପକ୍ଷରୁ ସୋମବାର ଶତାଧିକ ଚାଷୀ ଗଜା ଧାନ ଧରି ରଣପୁର ପଞ୍ଚୁଦୋଳ ପଡିଆରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ଦୁଃଶାସନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ବକ୍ତାମାନେ ପ୍ରଶାସନ ପକ୍ଷରୁ ତଦନ୍ତ, ଚାଷୀଙ୍କୁ କ୍ଷତିପୂରଣ ଏକର ପିଛା ୨୫ ହଜାର ଟଙ୍କା ପ୍ରଦାନ, ଚାଷୀ ଋଣ ଛାଡ, ବ୍ୟାପକ ନୂଆ କୃଷି ଋଣ ପ୍ରଦାନ, ବିନା କଟନୀଛଟନୀରେ ତୁରନ୍ତ ଚାଷୀଙ୍କଠାରୁ ଧାନ କ୍ରୟ ପାଇଁ ଦାବି କରିଥିଲେ। ସେହିଭଳି ସମ୍ବିଧାନର ୭୫ତମ ବର୍ଷ ପୂର୍ତ୍ତି ପାଳନ ପରିପ୍ରେକ୍ଷୀରେ ଆଲୋଚନା ବେଳେ ରାଜ୍ୟ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତି ଶାହାଙ୍କ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତି ଦେଇଥିବା ଦାୟିତ୍ୱ ହୀନ ମନ୍ତବ୍ୟର ପ୍ରତିବାଦ କରି ବାମପନ୍ଥୀ ଦଳ ଡାକରାରେ ସୋମବାର ଦେଶ ବ୍ୟାପୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହାଙ୍କ ତୁରନ୍ତ ଇସ୍ତଫା ଦାବି କରାଯାଇଛି। ପ୍ରଥମେ ଶହୀଦ ରଘୁ–ଦିବାକରଙ୍କ ଶହୀଦ ମଣ୍ଡପ ନିକଟରେ ବିକ୍ଷୋଭ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ଦଳ ପକ୍ଷରୁ ଏକ ପ୍ରତିନିଧିଦଳ ରଣପୁର ତହସିଲଦାରଙ୍କୁ ଭେଟି ଚାଷୀଙ୍କ ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ଓ ଶାହାଙ୍କ ଇସ୍ତଫା ପାଇଁ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆନ୍ଦୋଳନରେ ପାର୍ଟିର ଜିଲା ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର, ଗଙ୍ଗାଧର ଆଚାର୍ଯ୍ୟ, ନିତ୍ୟାନନ୍ଦ ପରିଡା, ଆଇନଜୀବୀ କବିରାଜ ପ୍ରଧାନ, ମହିଳା ନେତ୍ରୀ ସଂଯୁକ୍ତା ସେଠୀ, ଗଦାଧର ପ୍ରଧାନ, ସୁଶୀଲ ମହାନ୍ତି, ଭିକାରୀ ଚରଣ ସାହୁ, ସବ୍ୟସାଚୀ ସେନାପତି, କୁଳମଣି ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ଶ୍ରାଦ୍ଧବାର୍ଷିକୀ



ଶ୍ରଦ୍ଧାବାର୍ଷିକୀରେ ଯୋଗଦେଇଥିବା ଅତିଥିମାନେ।

ଶରଣକୁଳ,୩୦।୧୨ ( ଦୀପକ କର )

ଶରଣକୁଳ ଭିକାରିପଡାସ୍ଥିତ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲରେ ସୋମବାର ସଦାନନ୍ଦ ସାହିତ୍ୟ ପରିଷଦ ଓ ପୂଜ୍ୟ ପୂଜା କମିଟି, ଶରଣକୁଳ ପକ୍ଷରୁ ରୀତି ଯୁଗୀୟ କାବ୍ୟ ସାହିତ୍ୟର ଅନନ୍ୟ ସ୍ରଷ୍ଟା ତଥା ଉତ୍କଳ ସାହିତ୍ୟ ଆକାଶର ପ୍ରଥମ କବିସୂର୍ଯ୍ୟ, ବୈଷ୍ଣବ କବି ସଦାନନ୍ଦ ବ୍ରହ୍ମାଙ୍କ ୨୦୬ ତମ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂସ୍କୃତ ପଣ୍ଡିତ କିଶୋର ଚନ୍ଦ୍ର କର, ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, ସ୍କୁଲ ଅଧ୍ୟକ୍ଷ ନୀଳମାଧ ତ୍ରିପାଠୀ, କବି ବ୍ରଜ କିଶୋର ମିଶ୍ର, ନୀଳମାଧ ମିଶ୍ର, ନିରଞ୍ଜନ ପ୍ରଧାନ, ରାଜେନ୍ଦ୍ର କୁମାର ତ୍ରିପାଠୀ, ରବୀନ୍ଦ୍ର କୁମାର ତ୍ରିପାଠୀ, ଚିତ୍ତରଞ୍ଜନ ଦାଶ, ଦିଲୀପ କୁମାର ମଣ୍ଡଳ ଓ କବି ନଳିନୀ ଦାଶ ପ୍ରମୁଖ ଯୋଗଦେଇ କବିସୂର୍ଯ୍ୟ ସଦାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟା ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ଦାଶ ସଦାନନ୍ଦଙ୍କ ରଚିତ ମଣିମା ଶୁଣିମା ହେଉ ଗରିବ ଡାକ ଗୀତଟିକୁ ଗାନ କରିବା ପରେ ଉପସ୍ଥିତ କବି ଓ ସାହିତ୍ୟିକମାନେ ସଦାନନ୍ଦଙ୍କ କାବ୍ୟକୃତି ନିଷ୍ଠା ନୀଳମଣି, ଯୁଗଳ ରାସାମୃତ ଲହରୀ, ନାମ ଚିନ୍ତାମଣି, ଯୁଗଳ ରସାମୃତ ଭଉଁରୀ ଓ ସଙ୍ଗୀତ ସଦାନନ୍ଦ କାବ୍ୟ ଉପରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ସଦାନନ୍ଦ ୧୭୩୮ ଖ୍ରୀଷ୍ଟାବ୍ଦରେ ନୟାଗଡ଼ ଜିଲାର ଶରଣକୁଳ ନିକଟସ୍ଥ ଭିକାରିପଡ଼ା ବ୍ରାହ୍ମଣ ଶାସନର ଜନ୍ମଗ୍ରହଣ କରିଥିଲେ। ନିଜର କାବ୍ୟ କୃତୀ ପାଇଁ ବହୁ ଉତ୍କଳୀୟ ରାଜାଙ୍କର ରାଜକବି ରୂପେ ରାଜସଭା ବିମଣ୍ଡନ କରିଥିଲେ। ୧୭୮୩ ଖ୍ରୀଷ୍ଟାବ୍ଦରେ ପୁରୀ ଗଜପତି ବୀର କେଶରୀ ଦେବ ସଦାନନ୍ଦଙ୍କୁ କବିସୂର୍ଯ୍ୟ ଉପାଧିରେ ଭୂଷିତ କରିଥିଲେ। ସଦାନନ୍ଦ ରାଧାକୃଷ୍ଣଙ୍କ ଉପରେ ୨୪ଟି କାବ୍ୟ ରଚନା କରିବା ସହ ବୈଷ୍ଣବ ଧର୍ମ ପ୍ରଚାରରେ ନିଜର ସମସ୍ତ ସମୟକୁ ଉପଯୋଗ କରି ଶେଷରେ କେନ୍ଦ୍ରାପଡ଼ା ଜିଲା ଢ଼ାବଳଠାରେ ଥିବା ମଠରେ ଇହଲୀଳା ସମ୍ବରଣ କରିଥିଲେ।

# ମନସ୍ତତ୍ତ୍ୱ ବିଜ୍ଞାନ ମଣିଷର ଦୈନନ୍ଦିନ ଜୀବନରେ ଲାଗୁଛି

**ରଣପୁର ଡିଗ୍ରୀ କଲେଜର ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗରେ ସେମିନାର**

ରଣପୁର, ୩୦।୧୨ (ସୁକାନ୍ତ କିଶୋର ଡାକୁଆ)

ରଣପୁର ଡିଗ୍ରୀ କଲେଜର ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗରେ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଆଲିଶା କେର୍କେଟ୍ଟା ( ବିଭାଗୀୟ ମୁଖ୍ୟ ମନସ୍ତତ୍ତ୍ୱ ବିଜ୍ଞାନ ବିଭାଗ ରଣପୁର) ଅଧ୍ୟକ୍ଷତା କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଉକ୍ତ ସେମିନାରରେ ତୃତୀୟ ବର୍ଷ ଛାତ୍ର ଓମ୍ ପ୍ରକାଶ ମହାପାତ୍ର ଷ୍ଟ୍ରେସ୍ ତାର କାରଣ, ପରିଚାଳନା ଓ ସ୍ୱାସ୍ଥ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ସନ୍ଦର୍ଭଟିକୁ ଉପସ୍ଥାପନା କରିଥିଲେ। ତୃତୀୟ ବର୍ଷର ଛାତ୍ର ତ୍ରିଲୋଚନ ପ୍ରଧାନ ମନସ୍ତତ୍ତ୍ୱ ବିଜ୍ଞାନ ଓ ଛାତ୍ର ଜୀବନ ଉପରେ ବିଷଦ ଆଲୋଚନା କରିଥିଲେ। ପ୍ରଫେସର ଆଲିଶା ଓ ଅଧ୍ୟାପିକା ରୀତାଞ୍ଜଳି ନାୟକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଫେସର ଆଲିଶା ମନସ୍ତତ୍ତ୍ୱ ବିଜ୍ଞାନ ବର୍ତ୍ତମାନ ସମୟରେ ମଣିଷର ଦୈନନ୍ଦିନ ଜୀବନରେ କିଭଳି ପ୍ରଭାବ ବିସ୍ତାର କରିଛି ସେ ବିଷୟରେ ସମସ୍ତ ଛାତ୍ରୀଛାତ୍ରୀଙ୍କୁ ବୁଝାଇଥିଲେ। ବିଭାଗୀୟ ସେମିନାର ଦ୍ୱାରା ସମସ୍ତ ଛାତ୍ରଛାତ୍ରୀଙ୍କ ଧୀଶକ୍ତି ବୃଦ୍ଧି, ମନରେ ଥିବା ଶଙ୍କା ଦୂର ହେବା ସହ ନଜର ଆତ୍ମ ବିଶ୍ୱାସ ବୃଦ୍ଧି ପାଇଥାଏ। ମାନସିକ ଶକ୍ତିର ବୃଦ୍ଧି ସମାଜ କଲ୍ୟାଣ ପାଇଁ ମନସ୍ତତ୍ତ୍ୱ ବିଜ୍ଞାନର ଗୁରୁଦାୟିତ୍ୱ ବିଷୟରେ ବାରମ୍ବାର ଆଲୋଚନା ପର୍ଯ୍ୟାଲୋଚନା ଦ୍ୱାରା ମନସ୍ତତ୍ତ୍ୱ ବିଜ୍ଞାନ ପ୍ରତି ପିଲାଙ୍କର ଆଗ୍ରହ ବୃଦ୍ଧି ହୋଇଥାଏ। ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା। ଏପରି କାର୍ଯ୍ୟକ୍ରମ କଲେଜ ସ୍ତରରେ ପ୍ରତି ଶନିବାର ଆୟୋଜନ କରାଯାଇ ପିଲାଙ୍କ ସାମର୍ଥ୍ୟ ବୃଦ୍ଧି ପାଇଁ ଚେଷ୍ଟା ଜାରି ରହିବ ବୋଲି ଅଧ୍ୟାପିକା ନାୟକ କହିଥିଲେ। ଶେଷରେ ଭାଗ ନେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଧନ୍ୟବାଦ ଦେଇଥିଲେ।

# କୁରାଳ ସଂସ୍କୃତ କଲେଜରେ ଶୀତକାଳୀନ ଶିବିର




ଶିବିରରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ଗାଁ, ୩୦।୧୨
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ବ୍ଲକ କୁରାଳସ୍ଥିତ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ସପ୍ତାହବ୍ୟାପୀ ଜାତୀୟ ସେବା ଯୋଜନା ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଭାବଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଅତିଥି ଭାବେ କୁରାଳ ପଞ୍ଚାୟତର ସମିତିସଭ୍ୟା କନକ ପାତ୍ର, ମୋ'କଲେଜ ଅଭିଯାନର ସଭାପତି ରାମେଶ୍ୱର ପଣ୍ଡା ଏବଂ ମୋ କଲେଜ ଅଭିଯାନର ବରିଷ୍ଠ ଉପଦେଷ୍ଟା ତଥା ଗଣେଶ୍ୱର ସାହୁ ଯୋଗଦେଇଥିଲେ। ଅତିଥିମାନେ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ନିକଟରେ ପୂଜାର୍ଚ୍ଚନା ସହ ଶିବିରରେ ଯୋଗଦେଇଥିଲା। ୪୦ଜଣ ବାଳିକା ସ୍ୱେଚ୍ଛାସେବୀଙ୍କୁ ସେବାଧର୍ମର ମହତ୍ୱ ବିଷୟରେ ପରାମର୍ଶ ଦେଇ ଉତ୍ସାହିତ କରିଥିଲେ। ପ୍ରଥମେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯିବା ପରେ ସମସ୍ତ ସ୍ୱେଚ୍ଛାସେବୀ ନିଜନିଜର ଶିବିର ଅନୁଭୂତି ବର୍ଣ୍ଣନା କରିଥିଲେ। ଅନେକ ବାଧାବିଘ୍ନ ପ୍ରତିକୂଳ ଅବସ୍ଥା ସତ୍ତ୍ୱେ ଶିବିର ଚଳାଇ ରଖିଥିବା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଷମା ମଞ୍ଜରୀ ପାଣିଗ୍ରାହୀ କାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟାନନ୍ଦ ଶତପଥୀ, କୃଷ୍ଣଚନ୍ଦ୍ର ସାହୁ, ଅବନୀକାନ୍ତ ପାତ୍ର, ସୁଶାନ୍ତ ବିଶୋଇଙ୍କ ସମେତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ମୁଖ୍ୟବକ୍ତା ରାମେଶ୍ୱର ପଣ୍ଡା ଯେତେ ବାଧାବିଘ୍ନ ଆସିଲେ ବି ଆମେ ତାହାକୁ ଅତିକ୍ରମ କରି ସୁସ୍ଥ ସମାଜ ଗଠନରେ ବ୍ରତୀ ରହିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ମୋ କଲେଜ ଉପଦେଷ୍ଟା ସାହୁ ଭାତୃତ୍ୱ, ମୈତ୍ରୀ ଓ ସଂହତି ସ୍ଥାପନରେ ଏଭଳି ଶିବିରର କିଭଳି ଗୁରୁଦାୟିତ୍ୱ ରହିଛି ତାହା ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବକ୍ତବ୍ୟରେ ବିକାଶ କେବଳ ସମାଜ ସେବା ଦ୍ୱାରା ସମ୍ଭବ ହୋଇପାରିବ ବୋଲି ଆଶା ପୋଷଣ କରିଥିଲେ। ଶିବିରରେ ଅଂଶ ଗ୍ରହଣ କରିଥିବା ୪୦ଜଣ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ପରେ ମୁଖ୍ୟଅତିଥି ପାତ୍ର ଦୀର୍ଘ ୭ଦିନ ଧରି ଜାତୀୟ ସେବା ଯୋଜନା ପତକା ଅବତରଣ କରି ଶିବିର ଉଦ୍‌ଯାପନ ଘୋଷଣା କରିଥିଲେ। ସଂଯୋଜକ ଅଧ୍ୟାପକ ବିଜୟାନନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ ପୂର୍ବକ ଶାନ୍ତିପାଠ କରିଥିଲେ।

# ରାସ୍ତା ପାଇଁ ଆନ୍ଦୋଳନ

- ନୂଆ ସହ ପୁରୁଣା ରାସ୍ତାର ରଖାଗଲାନି ସଂଯୋଗ
- ଜାତୀୟ ରାଜପଥ କଡ଼ରେ ଡ୍ରେନେଜ ବ୍ୟବସ୍ଥା ଦାବି

ନୟାଗଡ଼,୩୦।୧୨(ଲୋକନାଥ ମିଶ୍ର)

ପୁରୁଣା ରାସ୍ତା ସହ ନୂଆର ସଂଯୋଗ ନ କରିବାରୁ ସୋମବାର ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଣ୍ଡୁସରର ନୂଆ ପୋଲ ନିକଟରେ ଅବରୋଧ କରାଯାଇଥିଲା। ଖବରପାଇ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିବା ରାସ୍ତାରୋକୋ ମଧ୍ୟାହ୍ନ ୧ଟାରେ ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ଅନୁସାରେ ବଲାଙ୍ଗୀର–ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ପଣ୍ଡୁସର ପୋଲ ବିପଦସଙ୍କୁଳ ହୋଇ ପଡ଼ିବା ପରେ ପୁରୁଣା ପୋଲଠାରୁ ସ୍ୱଳ୍ପ ଦୂରରେ ଏକ ନୂଆ ପୋଲ ନିର୍ମାଣ କରାଯାଇଥିଲା। ଏବେ ନୂଆ ପୋଲର ସଂଯୋଗ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ନୂଆ ପୋଲରେ ଯାନବାହାନ ଚଳାଚଳ ଜାରି ରହିଛି। ପୁରୁଣା ପୋଲରେ ଯାନବାହାନ ଚଳାଚଳ ବନ୍ଦ ହୋଇଯାଇଛି। ଅନ୍ୟପକ୍ଷେ ପୁରୁଣା ପୋଲର ରାସ୍ତା ସହ ନୂଆ ପୋଲର ରାସ୍ତାକୁ ସଂଯୋଗ କରା ନ ଯିବାରୁ ବିବାଦ ଓ ପ୍ରତିବାଦ ଉଠିଛି। ପୁରୁଣା ଓ ନୂଆ ରାସ୍ତା ସଂଯୋଗ ନ ହେବାରୁ ନୂଆଗାଁ, ସୁନାଲଟି, ରାମଚନ୍ଦ୍ରପୁର, ସରପଡ଼ା, ମର୍ଦ୍ଦରାଜପୁର, ବରକୋଳିପାଟଣା, ବାଘେରା, ଖଇରପଟି ପରି ଅଞ୍ଚଳକୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। କେତେଗୋଟି ଗାଁର ଛାତ୍ରୀଛାତ୍ର ସ୍କୁଲ ଯିବା ପାଇଁ ଅସୁବିଧା ହୋଇଥିବାବେଳେ ଅଙ୍ଗନୱାଡି ପିଲାଙ୍କ ଯାତାୟାତରେ ମଧ୍ୟ ସମସ୍ୟା ଦେଖା ଦେଇଛି। ସେହିପରି ଜାତୀୟ ରାଜପଥ କଡ଼ରେ ରହୁଥିବା ପ୍ରାୟ ୧୫ରୁ ଅଧିକ ପରିବାରଙ୍କ ଘର ରାସ୍ତାର ବହୁ ତଳକୁ ରହିଥିବାବେଳେ ସେମାନଙ୍କ ପାଇଁ ଡ୍ରେନ ମଧ୍ୟ କରାଯାଇନାହିଁ। ରାସ୍ତା କାମ ଯୋଗୁ ଗାଁଗୁଡିକର ପାଇପ ନଷ୍ଟ କାରଣରୁ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ରାସ୍ତା, ପାନୀୟ ଜଳ ଓ ଡ୍ରେନ ସମସ୍ୟା ନେଇ ଗାଁ ଲୋକ ବାରମ୍ବାର କହିବା ପରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଶୁଣି ନ ଥିଲେ। ଏଣୁ ନୂଆଗାଁ, ସୁନାଲଟି, ରାମଚନ୍ଦ୍ରପୁର, ସରପଡା, ମର୍ଦ୍ଦରାଜପୁର, ବରକୋଳିପାଟଣା, ବାଘେରା, ଖଇରପଟି ଗାଁର ଲୋକ ଆନ୍ଦୋଳନ କରିବାକୁ ବାଧ୍ୟ ହୋଇଥିଲେ।



ଗାଁ ଲୋକେ ରାସ୍ତାରୋକୋ କରିଛନ୍ତି।

# ହିତାଧିକାରୀଙ୍କୁ ମିଳୁଛି ନିମ୍ନମାନର ନାଲି ଚାଉଳ

**ଚଣ୍ଡିଖୋଲ,୩୦।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):**



- ଗୋଦାମରୁ ନାଲି ଚାଉଳ ଯୋଗାଣ ହେଉନାହିଁ
- ପରିବହନ ଠିକାଦାରମାନଙ୍କ ଦ୍ୱାରା ଅଦଳବଦଳ ହେଉଥିବା ସନ୍ଦେହ



ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ଚାଉଳ ଓ ଗହମ ଯୋଗାଣ କରାଯାଉଛି । ପ୍ରତି ବ୍ୟକ୍ତିଙ୍କୁ ମୁଣ୍ଡ ପିଛା ୫କିଲୋ ଚାଉଳ ମାଗଣାରେ ସରକାର ପ୍ରଦାନ କରୁଛନ୍ତି । ଏହି ଚାଉଳ ଉତ୍ତମମାନର ଦିଆଯିବାକୁ ସରକାରୀସ୍ତରରେ ନିଷ୍ପତ୍ତି କରାଯାଇଛି । କିନ୍ତୁ ଖାଦ୍ୟ ପଣ୍ୟାଗାର ଗୋଦାମରୁ ହିତାଧିକାରୀମାନଙ୍କୁ ନାଲି ଚାଉଳ ଯୋଗାଇ ଦିଆଯାଉଥିବା ଅଭିଯୋଗ ହୋଇଛି ।

ଯାଜପୁର ଜିଲାର ଧାନମଣ୍ଡଳସ୍ଥିତ ଖାଦ୍ୟପଣ୍ୟାଗାର ନିଗମ ଗୋଦାମରୁ ୪ ବ୍ଲକ ବଡ଼ଚଣା, ବରୀ, ଧର୍ମଶାଳ ଓ ରସୁଲପୁରକୁ ଚାଉଳ ଯୋଗାଣ କରାଯାଇଥାଏ। ଉପରୋକ୍ତ ବ୍ଲକର ସମସ୍ତ ଡ଼ିଲରମାନଙ୍କ ନିକଟକୁ ଯୋଗାଣ ନିମନ୍ତେ ୩ଜଣ ପରିବହନ ଠିକାଦାର ନିଯୁକ୍ତି ହୋଇଛନ୍ତି । ଧର୍ମଶାଳା ଓ ରସୁଲପୁର ପାଇଁ ଜଣେ ପରିବହନ ଠିକାଦାର ଥିବାବେଳେ ବରୀ ଓ ବଡ଼ଚଣା ପାଇଁ ୨ଜଣ ଠିକାଦାର ନିଯୁକ୍ତି ହୋଇଛନ୍ତି । ରାଜ୍ୟସରକାର ମିଲରମାନଙ୍କୁ ଭଲ ଧାନ ଦେବା ସହ ଉନ୍ନତମାନର ଚାଉଳ ଯୋଗାଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହି ଅନୁପାତରେ ମିଲରମାନେ ଉନ୍ନତମାନର ଧଳା ଚାଉଳ ଯୋଗାଇଦେବାପାଇଁ ନିୟମ ରହିଛି । ଚଳିତ ମାସରେ ଧାନମଣ୍ଡଳସ୍ଥିତ ଖାଦ୍ୟପଣ୍ୟାଗାର ନିଗମରୁ ଯାଇଥିବା ଚାଉଳଗୁଡ଼ିକ ସମ୍ପୂର୍ଣ୍ଣ ନାଲି ଚାଉଳ ଯାହାକି ହିତାଧିକାରୀଙ୍କୁ ଦେବାର ନିୟମ ନାହିଁ । ମିଲରମାନେ ଯଦି ଖରାପ ଚାଉଳ ବାହାର କରନ୍ତି ଏହାକୁ ଗୋଖାଦ୍ୟ ପ୍ରସ୍ତୁତି କାରଖାନା କିମ୍ବା କୁକୁଡ଼ା ଦାନା ପାଇଁ ପ୍ରସ୍ତୁତି କାରଖାନାକୁ ଯୋଗାଣ କରିଥାନ୍ତି । ଗୋଦାମରେ ଚାଉଳ ରହିବା ପୂର୍ବରୁ ଏହାକୁ ପରୀକ୍ଷଣ କରାଯାଏ । ଏହାକୁ ପରୀକ୍ଷଣ କରିବାପାଇଁ ୨ଜଣ ନିରୀକ୍ଷକ ରହିଛନ୍ତି । ଏହାପରେ ବି କିପରି ଏଠାରେ ନିମ୍ନମାନର ଚାଉଳ ଗୋଦାମରେ ରହିଲା ସେନେଇ ପ୍ରଶ୍ନ ଉଠୁଛି। ଯୋଗାଣ ବିଭାଗ ଅଧିକାରୀମାନେ ଏହାକୁ ଯାଞ୍ଚ କରିସାରିବା ପରେ ହିତାଧିକାରୀମାନଙ୍କ ନିକଟକୁ ଯିବା କଥା । କିପରି ଭାବେ ଏହି ନିମ୍ନମାନର ଚାଉଳ ଯୋଗାଇ ଦିଆଗଲା ଯୋଗାଣ ବିଭାଗ ଅଧିକାରୀ କିମ୍ବା ଏଫ୍‌ସିଆଇ କର୍ତ୍ତୃପକ୍ଷ ଜାଣିପାରିଲେ ନାହିଁ ସେଥିନେଇ ସନ୍ଦେହ ଉପୁଜିଛି। ମିଲର ଓ ଯୋଗାଣ ବିଭାଗଙ୍କ ସଲାସୁତ୍ରରାରେ ଏଭଳି ବଡ଼ଧରଣର ଦୁର୍ନୀତି ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଏହି ଚାଉଳଗୁଡ଼ିକୁ ଏଫ୍‌ସିଆଇ ଗୋଦାମରେ ପଶିବା ପୂର୍ବରୁ ପରୀକ୍ଷଣ କରାଯାଇ ନାକଚ କରିବାର ନିୟମ ରହିଥିବାବେଳେ ଅଧିକାରୀମାନେ ତାହା ନ କରି କିପରି ଯୋଗାଣ କଲେ ତାହା ସମସ୍ତଙ୍କୁ ଆଚମ୍ବିତ କରିଛି । ଡ଼ିଲରମାନଙ୍କୁ ଯୋଗାଯାଇଥିବା ଚାଉଳ ବସ୍ତାରେ ମିଲରମାନଙ୍କ ସିଲ ରହିଛି । କେଉଁ ମିଲର ଏହି ଚାଉଳ ଯୋଗାଣ କରୁଛନ୍ତି ତାହା ମଧ ଜଣାପଡ଼ିଛି । ଗତ ୨ବର୍ଷ ତଳେ ଏଭଳି ଚାଉଳ ଯୋଗାଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ଯୋଗାଣ ବିଭାଗ ତରଫରୁ ଚଢାଉ କରାଯାଇଥିଲା । ସେଥିପାଇଁ ଛନକା ମଧ ପଶିଥିଲା । ଏହି ଚାଉଳ ଯୋଗାଣରେ ବ୍ୟାପକ ଦୁର୍ନୀତି ହୋଇଥିବାନେଇ ହିତାଧିକାରୀମାନେ ପ୍ରଶ୍ନ ଉଠାଇଛନ୍ତି ।

ଏ ସମ୍ପର୍କରେ ପଣ୍ୟାଗାର ନିଗମର ନିର୍ଦ୍ଦେଶକ ବିଚିତ୍ରାନନ୍ଦ ଦଳେଇଙ୍କୁ ପଚାରିବାରେ ସେ କୁହନ୍ତି, ଗୋଦାମରେ ନାଲି ଚାଉଳ ନାହିଁ । ସମ୍ପୂର୍ଣ୍ଣ ଧଳା ଚାଉଳ ଗଚ୍ଛିତ ରହିଛି । ତେବେ ପରିବହନ ଠିକାଦାରମାନେ ଏଠାରୁ ଚାଉଳନେଇ ଯାଉଥିବାବେଳେ ରାସ୍ତାରେ ଅଦଳବଦଳ କରିଦେଇପାରିଥାନ୍ତି ବୋଲି ସନ୍ଦେହ ହେଉଛି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସଲାଉଦ୍ଦିନ୍ ଖାଁଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ଉଠାଇ ନ ଥିଲେ । ସେଥିପାଇଁ ତାଙ୍କ ପ୍ରତିକ୍ରିୟା ମିଳିନାହିଁ।

# କ୍ରୋମ ନଗର ମହୋତ୍ସବ ପାଇଁ ଦାୟିତ୍ୱ ବଣ୍ଟନ ବୈଠକ



ଦାୟିତ୍ୱ ବଣ୍ଟନ ବୈଠକରେ ଯୋଗଦେଇଥିବା କମିଟିର କର୍ମକର୍ତ୍ତା ଓ ସଦସ୍ୟ ।

**କାଳିଆପାଣି,୩୦।୧୨(ଅସିତ ମହାନ୍ତ):**

ଯାଜପୁର ଜିଲାର କ୍ରୋମ ଅଞ୍ଚଳରେ ହେଉଥିବା କ୍ରୋମ ନଗର ମହୋତ୍ସବର ପରିଚାଳନା ପାଇଁ ଭଲେଣ୍ଟିୟର ଚୟନ ଓ ଦାୟିତ୍ୱ ବଣ୍ଟନ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଭାଜପା ନେତା ତଥା ମହୋତ୍ସବ କମିଟିର ସଭାପତି ଅମଳେନ୍ଦୁ ବେହୁରାଙ୍କ ସଭାପତିତ୍ୱରେ ସୋମବାର ଖଣି ନିଗମ କଲୋନୀ ପରିସରରେ ଥିବା ପାର୍କରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ସୁକିନ୍ଦା ନିର୍ବାଚନ ମଣ୍ଡଳୀ ୧୦ ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ ଭାଲେଣ୍ଟିୟର ସାମିଲ ହୋଇଥିଲେ । ବିଭିନ୍ନ ବିଭାଗର ପ୍ରମୁଖ ଚୟନ ପରେ ପ୍ରତି ବିଭାଗରେ ୩୦ ଜଣ ପର୍ଯ୍ୟନ୍ତ ଭଲେଣ୍ଟିୟର ରହି ମହୋତ୍ସବ ପରିଚାଳନା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା କମିଟି ସୂଚନା ଦେଇଛି । ଉକ୍ତ ବୈଠକରେ ମହୋତ୍ସବ କମିଟିର ସମ୍ପାଦକ ବିଦ୍ୟାଧର ପାତ୍ର , କୋଷାଧ୍ୟକ୍ଷ ବେଣୁଧର ମହାନ୍ତ , ଜିଲା ଭାଜପା ଯୁବ ଉପସଭାପତି ପୁଷ୍ପକ ମହାପାତ୍ର , ଖଣି ଜୋନ ଭାଜପା ଯୁବ ନେତା ସତ୍ୟଜିତ ଦାସ, ବରିଷ୍ଠ ଖବରଦାତା ବିଶ୍ୱଜିତ ନାୟକ , ଲମ୍ବୋଦର ଦଳବେହେରା, ଅସିତ ମହାନ୍ତ , ମନୋଜ ନାୟକ , ଦୟାନିଧି ମହାନ୍ତ , ଭାଜପା ପଞ୍ଚାୟତ ସଭାପତି ରବୀନ୍ଦ୍ର ସାହୁ, ଯଦୁମଣି ମହାନ୍ତ, ଦିଲୀପ ପାତ୍ର , ମନୋଜ ମହାନ୍ତ , ନରୋତ୍ତମ ମହାନ୍ତ ପ୍ରମୁଖ ସାମିଲ ହୋଇଥିଲେ ।

# ୧୩୦ ଅଭିଯୋଗର ତତ୍କାଳ ସମାଧାନ

**ଧର୍ମଶାଳା,୩୦।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣୀରେ ୧୬୭ଟି ଅଭିଯୋଗ ମଧ୍ୟରୁ ୧୩୦ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଅଭିଯୋଗକୁ ଜିଲାପାଳ ପି.ଅନ୍ୱେଷା ରେଡ଼ି ଶୁଣି ସମାଧାନ କରିଥିଲେ । ଏହି ଜନଶୁଣାଣୀରେ ଯାଜପୁର ଏସ୍‌ପି ଯ୍ୟାସପ୍ରତାପ ସିମଲ, ଉପଜିଲାପାଳ ଅଂଶୁମାନ ଶତପଥୀ, ସହକାରୀ ଜିଲାପାଳ ନିବେଦିତା ପ୍ରଧାନ, ତହସିଲଦାର ଶୁଭଙ୍କର ମହାନ୍ତି, ଅତିରିକ୍ତ ବିଡ଼ିଓ ଅସିତ କୁମାର ପାତ୍ର,ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା ପି. ସି.ବଳ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସାହୁ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ ।




ଧର୍ମଶାଳା ବ୍ଲକରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କରୁଛନ୍ତି ।

# ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ ଉପରେ ଗୁରୁତ୍ୱାରୋପ

**ଜିଲା ପରିବେଶ ସଦସ୍ୟଙ୍କ ବୈଠକ**

**ଯାଜପୁର ଟାଉନ,୩୦।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଜିଲା ପରିବେଶ ସମିତିର କାର୍ଯ୍ୟ ନିର୍ବାହୀ ସଦସ୍ୟମାନଙ୍କ ବୈଠକ ସୋମବାର ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତିର ସମ୍ପାଦକ ଶରତ କୁମାର ସାହୁ ବାର୍ଷିକ ବିବରଣୀ ଓ ପୂର୍ବ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକ ପାଠ କରିଥିଲେ। ତାହା କାର୍ଯ୍ୟକାରିଣୀ ସଦସ୍ୟଙ୍କ ଦ୍ୱାରା ଅନୁମୋଦନ ଲାଭ କରିଥିଲା। କାର୍ଯ୍ୟକାରିଣୀ ସଦସ୍ୟମାନେ ପରିବେଶ ସଚେତନତା ପାଇଁ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ବନ୍ଧରେ ନିଜ ନିଜର ମତାମତ ଦେଇଥିଲେ। ବିଭିନ୍ନ ପ୍ରକାର ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏବଂ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ ପାଇଁ ଛାତ୍ରୀଛାତ୍ର ଓ ଜନସାଧାରଣରେ ସଚେତନତା ସୃଷ୍ଟି ପାଇଁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଡିଏଫ୍‌ଓଙ୍କ ପ୍ରତିନିଧି ରେଞ୍ଜ ଅଫିସର, ସୁକିନ୍ଦା ତହସିଲଦାର, ଜଳଛାୟା ପ୍ରକଳ୍ପ ଅଧିକାରୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସହକାରୀ କୃଷି ନିର୍ଦ୍ଦେଶକ, ଖଣି ବିଭାଗର ଉପନିର୍ଦ୍ଦେଶକ, ଜିଲା ଶିକ୍ଷା ଅଧିକାରୀଙ୍କ ପ୍ରତିନିଧି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସମିତିର ଯୁଗ୍ମ ସମ୍ପାଦକ ମଳୟ କୁମାର ମିତ୍ର କାର୍ଯ୍ୟକାରିଣୀ ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆଡ୍‌ମିଟ୍ କାର୍ଡ ୱେବ୍‌ସାଇଟ୍‌ରେ

**କଟକ,୩୦।୧୨(କାର୍ତ୍ତିକ ସାହୁ):**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ଜାନୁଆରୀ ୭ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ୱେବସାଇଟ୍ (www.bseodisha.ac.in)ରେ ଆଡ୍‌ମିଟ୍‌କାର୍ଡ ସୋମବାରଠାରୁ ଉପଲବ୍ଧ ହୋଇଛି। ସମଗ୍ର ରାଜ୍ୟରେ ମୋଟ ୭୮୯ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀ ୧୪୧୩୬୦, ୭ମ ଶ୍ରେଣୀ ୧୦୦୮୬, ୮ମ ଶ୍ରେଣୀ ୫୭୪୪ ଓ ନବମ ଶ୍ରେଣୀର ୩୧୮୯ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀର ୮୭୫ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବା ବୋର୍ଡ ପକ୍ଷରୁ ଜଣାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମନମୋହନ



@ ରାକେଶ



@ ରୋଜିନା



@ ସ୍ମୃତିରେଖା



@ ସ୍ୱାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦର୍ଶକଙ୍କ ମନ ମୋହିଲେ ପାୟଲ ସଙ୍ଗୀତ ସ୍କୁଲର ଛାତ୍ରୀଛାତ୍ର



କୁଆଖିଆ ମହୋତ୍ସବର ସପ୍ତମ ସନ୍ଧ୍ୟାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**କୁଆଖିଆ ମହୋତ୍ସବର ସପ୍ତମ ସନ୍ଧ୍ୟା**

**ରସୁଲପୁର,୩୦।୧୨(ରଞ୍ଜିତ ରାଉତ)**

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ସାରଙ୍ଗପୁର ମେଲଣ ପଡ଼ିଆରେ ଚାଲିଥିବା ୧୭ତମ କୁଆଖିଆ ମହୋତ୍ସବର ସପ୍ତମ ସାଂସ୍କୃତିକ ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ପାୟଲ ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ବିଦ୍ୟାଳୟର କୁନି ନୃତ୍ୟାଙ୍ଗନାମାନଙ୍କ ନୃତ୍ୟ ଦର୍ଶକମାନଙ୍କର ମନ ମୋହିଥିଲା । ପ୍ରତିଟି ନାଚରେ କଳାନୈପୁଣ୍ୟତାର ଝଲକ ଦେଖିବାକୁ ମିଳିଥିଲା । ବିଦ୍ୟାର୍ଥୀମାନଙ୍କର ମନୋରମ ନୃତ୍ୟ ଦର୍ଶକମାନଙ୍କୁ ମଞ୍ଚ ସମ୍ମୁଖରେ ବାନ୍ଧି ରଖି ପାରିଥିଲା । କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ସହଯୋଗକୁ ପ୍ରସଂଶା କରାଯାଇଛି । ଶନିବାର ସନ୍ଧ୍ୟାରେ ଇରା ମହାନ୍ତିଙ୍କ ଗ୍ରୁପ୍ ଦ୍ୱାରା ମେଲୋଡି କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ବେଳେ ମଞ୍ଚ ତଳେ ଯୁବକମାନେ ନାଚଗୀତରେ ମସଗୁଲ ହୋଇ ନାଚି ଉଠିଥିଲେ । ଏହି ମସୟରେ ଯୁବକମାନଙ୍କ ମଧ୍ୟରେ ଠେଲାପେଲାରୁ ଗଣ୍ଡଗୋଳ ରୂପ ଧାରଣ କରିଥିଲା । ଏହାକୁ ଦୃଷ୍ଟିରେ ରଖି ମହୋତ୍ସବ ପଡିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ବେଳେ କୁଆଖିଆ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଛି । ପ୍ରତି ସନ୍ଧ୍ୟାରେ ଦୋଳି, ମୀନାବଜାର ଓ ଫାଷ୍ଟଫୁଡ୍ ଆଦି ଦୋକାନରେ ଦର୍ଶକଙ୍କ ଭିଡ଼ ଜମୁଛି । ମହୋତ୍ସବ କମିଟ ସାଂସ୍କୃତିକ ସମ୍ପାଦକ ଉମେଶ ନାୟକ, ମହାସଚିବ ଅରୁଣ ସାହୁ, ସମ୍ପାଦକ ସନ୍ତୋଷ କୁମାର ରାଉତ, ସଭାପତି ଶିଶିର କୁମାର ମହାନ୍ତି, କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଦିଲିପ ଦାସ, ଗଦାଧର ଦାଶ, ସଂଜୀବ ସାମଲ, ଉମେଶ ପଲେଇ, ଶଶାଙ୍କ ଶେଖର ରାଉତ, ମିଟୁ ପରିଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଆରୁହା ମୁରାରିପୁର ପାର୍ଶ୍ୱରୁ କଳାପଥର ଲୁଟ୍

**୮୪ ଖାଦାନରୁ ୨୨ଟିରେ ଇ-ଟିପି ପ୍ରଦାନ**

**ଯାଜପୁର,୩୦।୧୨(ହର୍ଷବର୍ଦ୍ଧନ ବେହେରା)**



ଯାଜପୁର ଜିଲାରୁ ମୂଲ୍ୟବାନ୍ କଳାପଥର ଲୁଟ ପାଇଁ ବିଭିନ୍ନ ପ୍ରଭାବଶାଳୀ କମ୍ପାନୀ ଏବଂ କେତେଜଣ ବ୍ୟବସାୟୀଙ୍କ ମଧ୍ୟରେ ଏକ ପ୍ରକାର ଅଘୋଷିତ ପ୍ରତିଯୋଗିତା ପୁଣି ଆରମ୍ଭ ହୋଇଛି । ଏହି ପ୍ରଭାବଶାଳୀ କମ୍ପାନୀ ଓ ବ୍ୟବସାୟୀଙ୍କ ଚାପରେ ସରକାରଙ୍କ ନୀତିନିୟମ, ସ୍ୱତନ୍ତ୍ର ସ୍କ୍ୱାଡ୍‌ର ପ୍ରତିଶ୍ରୁତି ଇତ୍ୟାଦି ଚପିଯାଉଛି। ସମ୍ପ୍ରତି ଆରୁହା ପାହାଡ଼ର ମୁରାରିପୁର ପାର୍ଶ୍ୱ ଏବଂ ବାଜବାଟି ପାହାଡ଼ର ବିଭିନ୍ନ ଖାଦାନରୁ ବେଆଇନ ଉତ୍ତୋଳନ ଜୋର ଧରିଛି ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ସୂଚନା ମିଳିଛି। ଏହାବାଦ ଅନୁମତିଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ କରାଯାଇ କ୍ରଶରଗୁଡ଼ିକରେ ମେଟାଲ, ଚିପ୍ସ ଇତ୍ୟାଦିରେ ପରିବର୍ତ୍ତନ କରାଯାଉଛି। ସରକାରଙ୍କ ସବୁ ନୀତି ନିୟମକୁ ଫାଙ୍କି ଜଙ୍ଗଲ ଜମିରେ ବି ମିଳିମିଶି କଳାପଥର ଲୁଟ୍ କରାଯାଉଛି। ଗତ ୨୫ ବର୍ଷ ମଧ୍ୟରେ ଜିଲାରୁ ଯେଉଁ ପରିମାଣରେ କଳାପଥର ଲୁଟ ହୋଇଛି ଏବଂ କମ୍ପାନୀଗୁଡ଼ିକ ଏହାର ବେଆଇନ ଉତ୍ତୋଳନ ବୃଦ୍ଧି କରିବାରେ ଲାଗି ପଡିଛନ୍ତି, ସେସବୁ ହିସାବକୁ ନେଲେ ଜିଲାରେ କଳାପଥର ଶୂନ୍ୟ ହୋଇଯିବ ବୋଲି ଚର୍ଚ୍ଚା ହେଉଛି ।

ଜିଲା ଲଘୁ ଖଣି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ୮୪ଟି କଳାପଥର ଖାଦାନ ରହିଛି। ସେଥିରୁ ମାତ୍ର ୨୨ଟି ଖାଦାନରୁ ଉତ୍ତୋଳନ ପାଇଁ ଅନୁମତି ଦିଆଯାଇ ଇ-ଟ୍ରାନ୍‌ଜିଟ ପାସ୍(ଟିପି) ଦିଆଯାଇଛି। ୯ ଖାଦାନ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଥିବାରୁ ସେଗୁଡ଼ିକକୁ ବନ୍ଦ କରାଯାଇଛି। ଏହାସହ ଭୂସ୍ଖଳନ ପାଇଁ ଗୋଟିଏ, ଗୋଟିଏ ବିଲୁପ୍ତପ୍ରାୟ, ୨୫ଟି ଖାଦାନ କୋର୍ଟ କଚେରିରେ ବିଚାରାଧୀନ ଏବଂ ୯ଟି ବୈଧାନିକ ଭାବେ ବିଚାରାଧିନ ରହିଛି। ଏହାବାଦ ୧୭ଟି ଖାଦାନ ବିଭିନ୍ନ କାରଣରୁ ପରିଚାଳନା ହେଉନାହିଁ। ଏଭଳି ଭାବେ ଲିଜ୍ ଦିଆଯାଇ ନ ଥିବା ଖାଦାନଗୁଡ଼ିକରେ ରାତି ଓ ଭୋର ସମୟରେ ବିସ୍ଫୋରଣ କରାଯାଇ ବେଆଇନ ଉତ୍ତୋଳନ କରାଯାଉଛି। ଏପରିକି ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକୋଭରି(ଓପିଡିଆର) ଆଇନରେ ମାମଲା ରୁଜୁ ହୋଇଥିଲେ ବି ସମ୍ପୃକ୍ତ ଲିଜଧାରୀଙ୍କୁ ତାଙ୍କ ସମ୍ପର୍କୀୟଙ୍କ ଜରିଆରେ ଲିଜ୍ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ଖଣି ବିଭାଗ ପକ୍ଷରୁ ବିନା ମାଇନ୍ସ ମ୍ୟାନେଜର ନିଯୁକ୍ତିରେ ଚାଲିଥିବା ଖାଦାନଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ହେଉଛି। ହେଲେ କିଛି କାର୍ଯ୍ୟରେ ଲାଗୁନାହିଁ। ଏଭଳି ଭାବେ ସରକାର ବିପୁଳ କୋଟି ଟଙ୍କା ରାଜସ୍ୱ ହରାଉଥିବା ମତପ୍ରକାଶ ପାଇଛି। ଆରୁହା ପାହାଡ଼ର ମୁରାରିପୁର ପାର୍ଶ୍ୱରେ ବେଆଇନ ଭାବେ ୩ ରୁ ୪ଟି ଖାଦାନରୁ ଉତ୍ତୋଳନ ଚାଲିଛି। ଏହାର ମାତ୍ର ୫୦ ମିଟର ଦୂରରେ କଟକ-ଯାଜପୁର ରୋଡ୍ ରେଳପଥ ରହିଛି। ଏହାବାଦ ଏହି ଖାଦାନ ନିକଟରେ ମୁରାରିପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପାଠ ପଢୁଛନ୍ତି। ଏନେଇ ପୂର୍ବରୁ ଅଞ୍ଚଳବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ କେହି ବି ଶୁଣୁନାହାନ୍ତି ବୋଲି ପ୍ରଭାବିତ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକ ଏବଂ ମାଇନିଂ ଅଫିସର ଝସକେତନ ସେଠୀଙ୍କ ମତାମତ ନେବାକୁ ଉଭୟଙ୍କ ମୋବାଇଲ ଫୋନକୁ ସୋମବାର ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

# ତହସିଲ ଘେରାଉ କଲେ କ୍ଷତିଗ୍ରସ୍ତ ଚାଷୀ



ରଘୁନାଥପୁରରେ ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।



କୁଜଙ୍ଗରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ରଘୁନାଥପୁର/କୁଜଙ୍ଗ, ୩୦।୧୨ (ରାଜେନ୍ଦ୍ର ନାରାୟଣ ସିଂହ/ ମନୋଜ ପ୍ରଧାନ)

ଲଘୁଚାପଜନିତ ଲଗାଣ ବର୍ଷାରେ ରଘୁନାଥପୁର ତହସିଲ ଅଞ୍ଚଳରେ ବ୍ୟାପକ ପାଚିଲା ଧାନ ଫସଲ ନଷ୍ଟ ହୋଇଛି। ଏନେଇ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟସ୍ତରୀୟ କର୍ମକର୍ତ୍ତା ରଶ୍ମି ସ୍ୱାଇଁ ଓ ଦେବୀପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ସୋମବାର ବ୍ଲକ ଓ ତହସିଲ ଘେରାଉ କରିଛନ୍ତି। ଲଘୁଚାପଜନିତ କ୍ଷୟକ୍ଷତିର ଶତପ୍ରତିଶତ କ୍ଷତିପୂରଣ ସହ ୮ ଦଫା ସମ୍ବଳିତ ଦାବିରେ ସେମାନେ ଏହି ଘେରାଉ କରିଥିଲେ। ଏହି ଅବସରରେ ଚାଷୀମାନେ ବିଡିଓ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ସରକାର ଦାବି ନ ଶୁଣନ୍ତି, ତା'ହେଲେ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ତୀବ୍ର ହେବ ବୋଲି ପ୍ରତିବାଦ ସଭାରେ ଚେତାବନୀ ଦେଇଛନ୍ତି। ବର୍ଷାଜନିତ କ୍ଷୟକ୍ଷତି ଆକଳନ ପାଇଁ ସରକାରୀ କର୍ମଚାରୀମାନେ ତୃଣମୂଳସ୍ତରକୁ ନ ଯାଇ ଓ ଚାଷୀଙ୍କ ହୋଇଥିବା ପ୍ରକୃତ କ୍ଷତିକୁ ନିରୀକ୍ଷଣ ନ କରି ମନଇଚ୍ଛା ରିପୋର୍ଟ ପ୍ରଦାନ କରୁଥିବାନେଇ ଚାଷୀମାନେ ପ୍ରତିବାଦ ସଭାରେ ଅଭିଯୋଗ କରିଛନ୍ତି।

ସେମାନଙ୍କ ଦ୍ୱାରା ସଂଗୃହୀତ ତଥ୍ୟ ସରକାରୀ ସହାୟତା ପ୍ରାପ୍ତି ପୂର୍ବରୁ ଚାଷୀଙ୍କୁ ଜଣାଇବା ପାଇଁ କର୍ମକର୍ତ୍ତା ମହାରଣା ପ୍ରତିବାଦ ସଭାରେ ଦାବି ଉପସ୍ଥାପନ କରିଥିଲେ। ଦୀର୍ଘଦିନ ଧରି ପାଚିଲା ଧାନ ପାଣିରେ ବୁଡ଼ି ରହିବା ଫଳରେ ଏହା ବେରଙ୍ଗ ହେବା ସହ ମାନରେ ହ୍ରାସ ଘଟିବ। ଏଣୁ ମଣ୍ଡିରେ ଧାନଦେବା ସମୟରେ ଏହାର ଏଫ୍ଏକ୍ୟୁ ମାନରେ କୋହଳ ନୀତି ଅବଲମ୍ବନ କରିବା ପାଇଁ ନବ ନିର୍ମାଣ ସଙ୍ଗଠନର କର୍ମକର୍ତ୍ତା ସ୍ୱାଇଁ ପ୍ରକାଶ କରିଥିଲେ। ଏହାଛଡ଼ା ଚାଷୀ ଉତ୍ପାଦିତ ହେଉଥିବା ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପରିବର୍ତ୍ତେ ଉପଯୁକ୍ତ ମୂଲ୍ୟ ପ୍ରଦାନ, ବିପର୍ଯ୍ୟୟ ସହାୟତା ପ୍ରାପ୍ତି ନିମନ୍ତେ ଆବଶ୍ୟକ କାଗଜପତ୍ର ପ୍ରତ୍ୟେକ ଗ୍ରାମର ଚାଷୀଙ୍କଠାରୁ ସଂଗ୍ରହ କରିବା ଏବଂ ମାଙ୍କଡ଼, ଷଣ୍ଢ, ହରିଣଙ୍କ ଉପଦ୍ରବରୁ ଚାଷୀ ଓ ଚାଷର ସୁରକ୍ଷା, ଚାଷୀମାନଙ୍କୁ ମାଗଣାରେ ୨୦୦ ୟୁନିଟ୍ ବିଜୁଳି ପ୍ରଦାନ ଏବଂ ରାଢ଼ଙ୍ଗ ପଞ୍ଚାୟତରେ ମୁଗ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅଭୀପ୍ସା ପଟ୍ଟନାୟକଙ୍କୁ ଦାବିପତ୍ର ଦିଆଯାଇଥିଲା। ପୂର୍ବାହ୍ନରେ ଚାଷୀମାନେ ବ୍ଲକଛକଠାରୁ ଏକ ରାଲିରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ କରିଥିଲେ। ବିଡିଓଙ୍କ ଅନୁପସ୍ଥିତିରେ ଜିପିଓ ସ୍ମାରକ ମହାନ୍ତିଙ୍କୁ ଚାଷୀମାନେ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସେଠାରୁ ପୁନର୍ବାର ରାଲିରେ ଆସି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପ୍ରତିବାଦ ସଭା କରିଥିଲେ। ତହସିଲଦାରଙ୍କ ସହ ଆଲୋଚନା ଚାଲିଥିବାବେଳେ ରାଢ଼ଙ୍ଗ ଗ୍ରାମର ଭାଗଚାଷୀ ଯୁଗଳ ସେଠୀ ଧାନ ଫସଲ ଉଜୁଡ଼ିଯିବା ଚିନ୍ତାରେ ମାନସିକ ଭାରସାମ୍ୟ ହରାଇ ହଠାତ୍ ମୂର୍ଚ୍ଛା ଯାଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା।

ସେହିପରି ୩ ଏକର ଧାନ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଉକ୍ତ ଗ୍ରାମର ଖୁଲଣା ବିଶ୍ୱାଳ ସାଙ୍ଗରେ ଆଣିଥିବା ଗଜାଧାନକୁ ଅଧିକାରିଣୀଙ୍କୁ ଦେଖାଇଥିଲେ। ଧାରକରଜ କରି ନିଜର ସୁନାଗହଣା ବନ୍ଧାପକାଇ ସମସ୍ତ ଟଙ୍କା ଚାଷରେ ଲଗାଇ ଦେଇଥିଲେ। ଯଦି ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ନ ମିଳେ, ତାହାଲେ ସେ ବିଷଖାଇ ଜୀବନ ହାରିବେ ବୋଲି ଚେତାବନୀ ଦେଇଥିଲେ। ତହସିଲଦାର ପଟ୍ଟନାୟକ ଚାଷୀଙ୍କ କଥା ଧୈର୍ଯ୍ୟର ସହ ଶୁଣିବା ସହ କ୍ଷତିଗ୍ରସ୍ତ ଚାଷୀମାନେ ସିଧାସଳଖ ତାଙ୍କ ସହ ଯୋଗାଯୋଗ କରିବା ପାଇଁ କହିଥିଲେ। ଏହାଛଡା କ୍ଷେତ୍ରୀୟ ଅଧିକାରୀମାନେ ବିଭିନ୍ନ ଗ୍ରାମକୁ ଯାଇ କ୍ଷୟକ୍ଷତି ଆକଳନ କରିବା ପାଇଁ କୁହାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି। ରାଢ଼ଙ୍ଗ ସରପଞ୍ଚ ସୁଶୀଳ ବାରିକ, ବିଜନ ମହାପାତ୍ର, କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ସୁଦ୍ଧିରଞ୍ଜନ ବାରିକ, ଦିଲୀପ କୁମାର ନାୟକ, ଦୀପ୍ତିରଞ୍ଜନ ବିଶ୍ୱାଳ, ପ୍ରକାଶ ମହାନ୍ତି, ଲୋଚନ ଦାସ, ସବିର ଅଲ୍ଲୀ ଖାଁ, ଲକ୍ଷ୍ମୀଧର ନାୟକ, ବିଚିତ୍ରାନନ୍ଦ ସାଇଁଙ୍କ ସହ ଶତାଧିକ ଚାଷୀ ଘେରାଉରେ ସାମିଲ ଥିଲେ।

ସେହିପରି ଲଗାଣ ବର୍ଷାରେ କୁଜଙ୍ଗ ବ୍ଲକର ୪୬୮ ୱାର୍ଡରେ ଖରିଫ ଧାନ ଚାଷ ଓ ପରିବା ଫସଲ ବ୍ୟାପକ କ୍ଷତି ହୋଇଛି। ପ୍ରାୟ ୭୦ ଭାଗ ଫସଲ ନଷ୍ଟ ହେବା ଯୋଗୁ ଚାଷୀକୁଳ ହତାଶହୋଇ ମୁଣ୍ଡରେ ହାତଦେଇ ବସିଛି। ସରକାର ଏହାର ସର୍ଜମିନ ତଦନ୍ତ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ନବ ନିର୍ମାଣ କୃଷକ ସଙ୍ଗଠନ କୁଜଙ୍ଗ ବ୍ଲକ ପକ୍ଷରୁ ଦାବି କରାଯାଇଛି। ଏନେଇ ସୋମବାର କୁଜଙ୍ଗ ବ୍ଲକ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ବ୍ଲକ ସଂଯୋଜକ ବିଷ୍ଣୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୋଦ କୁମାର ଜେନା, ନିରଞ୍ଜନ ନାୟକ, ଅଜୟ ପାଣି, ଶିଶିର ଦଳାଇ ପ୍ରମୁଖ ଶତାଧିକ ଚାଷୀ ଏକ ଶୋଭାଯାତ୍ରାରେ ଆସି ଏହି ଦାବିପତ୍ର ପ୍ରଦାନ କରିଥିଲେ। ଭାଗ ଚାଷୀମାନେ କିପରି ଉପଯୁକ୍ତ କ୍ଷତି ପୂରଣ ପାଇ ପାରିବେ ସେଥିପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମନମୋହନ



@ ରାକେଶ



@ ରୋଜିନା



@ ସ୍ମୃତିରେଖା



@ ସ୍ୱାଗତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପୁରୁଣା ସ୍ମୃତି ମନେପକାଇଲେ ପୁରାତନ ଛାତ୍ରୀଛାତ୍ର



ରାହାମା,୩୦।୧୨(ଶ୍ରୀକାନ୍ତ ଦାସ )

କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ହାଇସ୍କୁଲ ପରିସରରେ ୧୯୮୧-୮୨ ବ୍ୟାଚର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉକ୍ତ ବ୍ୟାଚର ଛାତ୍ରୀଛାତ୍ରଙ୍କ ସହ ପରିବାର ବର୍ଗ ଯୋଗଦେଇଥିଲେ। ବ୍ୟାଚର ୨ଜଣ ବନ୍ଧୁ ଅଜିତ କାନୁନ୍‌ଗୋ ଏବଂ ପ୍ରମୋଦ ସୁତାରଙ୍କ ପରଲୋକ ହୋଇଯାଇଥିବାରୁ ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବ୍ୟାଚର ନୃସିଂହ ସେନାପତି, ଭଞ୍ଜ କିଶୋର ସାହୁ, ରବିନାରାୟଣ ସାହୁ, ରମାକାନ୍ତ ଦାସ, ବିଭୁତି ବାରିକ, ଆଲୋକ ପ୍ରଭା ବେଉରା, କିରାନବାଳା ରାଉତ ସମେତ ଅନ୍ୟ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସଭିଏଁ ପୁରୁଣା ସ୍ମୃତିକୁ ମନେପକାଇ ଆତ୍ମ ବିଭୋର ହୋଇଥିଲେ।

## ଶ୍ରୀକ୍ଷେତ୍ରରେ ସମ୍ବର୍ଦ୍ଧିତ ହେଲେ ଶିଶୁ ସାହିତ୍ୟିକା

କୁଜଙ୍ଗ,୩୦।୧୨(ମନୋଜ ପ୍ରଧାନ)

ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମାସିକ ଶିଶୁ କିଶୋର ସାହିତ୍ୟ ପତ୍ରିକା ପୁରୀରୁ ପ୍ରକାଶିତ 'ଟିକିତାରା' ପକ୍ଷରୁ କୁଜଙ୍ଗର ଯୁବ କବି ପ୍ରଭାତୀ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମାଝୀଙ୍କ ସ୍ୱରଚିତ ଶିଶୁ କବିତା ସଙ୍କଳନ 'ଶୀତମିତ ଗୀତ' ବିଚାରକମାନଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ହୋଇଥିବାରୁ ତାଙ୍କୁ ସମ୍ମାନ ସନନ୍ଦ, ଉତ୍ତରୀୟ ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରାକ୍ତନ ସଭାପତି ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ବିପିନ ବିହାରୀ ଦଳାଇ, କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ୍ୟ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ଲେଖକ ବିରେନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ। ଏନେଇ କବି ପୀତାମ୍ବର ତରାଇ,କେଶବ ଚନ୍ଦ୍ର ଦଳାଇ, ବିଜୟ ଖଟାଇ, ସଂଘମିତ୍ରା ସ୍ୱାଇଁ, ବାବୁରାମ ଚୌଧୁରୀ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଅସହ୍ୟ କଲା ଫସଲ ହାନି, ଜୀବନ ହାରିଲେ ଯୁବ ଚାଷୀ

ବାଲିକୁଦା,୩୦।୧୨(ତାପସ ସ୍ୱାଇଁ)



କୃତ୍ତିବାସ ସ୍ୱାଇଁ

ଫସଲଜନିତ କ୍ଷୟକ୍ଷତି ସହି ନ ପାରି ବେକରେ ରଶି ଲଗାଇ ଝୁଲିପଡ଼ିଲେ ଯୁବ ଚାଷୀ। ଏପରି ଦୁଃଖଦ ଘଟଣା ଜଗତ୍‌ସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ତଣ୍ଡିକୂଳ ପଞ୍ଚାୟତ ଅନ୍ତର୍ଗତ ସାରଣା ଗାଁରେ ଘଟିଛି। ସେ ହେଲେ ଉକ୍ତ ଗାଁର ଉତ୍ତମ ସ୍ୱାଇଁଙ୍କ ଏକମାତ୍ର ପୁଅ କୃତ୍ତିବାସ (୩୫)। ସେ ବାପାଙ୍କ ପୈତୃକ ଚାଷଜମି ସମେତ ୨ ଏକରରୁ ଊର୍ଦ୍ଧ୍ୱ ଜମିରେ ଭାଗଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଘରେ ଦୁଇଟି କୁନି ଝିଅ ସମେତ ସ୍ତ୍ରୀ ଓ ବୃଦ୍ଧ ମା',ବାପା ରହୁଛନ୍ତି। କୃତ୍ତିବାସ ଚାଷ ପାଇଁ ବିଭିନ୍ନ ସଂସ୍ଥାରୁ ଟଙ୍କା ସୁଧରେ ଆଣି ଚାଷ କାମରେ ଲଗାଇଥିଲେ। ଲଘୁଚାପଜନିତ ବର୍ଷା ପୂର୍ବରୁ ସେ ଗୋଟିଏ ଏକର ଧାନ କାଟି ଦେଇଥିଲେ। ହେଲେ ବର୍ଷା ପରେ ଧାନ ବିଲରୁ ଆଣିବାକୁ ଖୁବ୍ ଅଧିକ ଟଙ୍କା ଲୋଡ଼ା ପଡ଼ିଥିଲା। ଏନେଇ ସେ ଚିନ୍ତିତ ହୋଇଯାଇଥିଲେ । ଗତ ଦୁଇଦିନ ତଳେ ବିଲକୁ ଯାଇ ଧାନର ଅବସ୍ଥା ଦେଖି ଏକ ପ୍ରକାର ମାନସିକ ଭାରସାମ୍ୟ ହରାଇ ବସିଥିଲେ। କେମିତି ବିଲରୁ ଧାନ ଖଳାକୁ ଆସିବ ସେଥିପାଇଁ ସେ ପାଗଳ ପରି ହୋଇ ଯାଇଥିଲେ। ସୋମବାର ପୁଣି ସେ ବିଲକୁ ଯାଇ ଫେରିବା ପରେ ସନ୍ଧ୍ୟାରେ ଶୋଇବା ଘରକୁ ପଶିଯାଇ ବେକର ରଶି ଲଗାଇ ପଙ୍ଖା ହୁକ୍‌ରେ ଝୁଲି ପଡ଼ିଥିଲେ। ଏନେଇ କୃତ୍ତିବାସଙ୍କୁ ଖୋଜି ନ ପାଇବାରୁ ପରିବାର ଲୋକେ ଘର କବାଟ ଭାଙ୍ଗି ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ। ଖବରପାଇ ବାଲିକୁଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆଡ୍‌ମିଟ୍ କାର୍ଡ ୱେବସାଇଟ୍‌ରେ

କଟକ,୩୦।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ଜାନୁଆରୀ ୭ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ୱେବସାଇଟ୍ (www.bseodisha.ac.in)ରେ ଆଡ୍‌ମିଟ୍‌କାର୍ଡ ସୋମବାରଠାରୁ ଉପଲବ୍ଧ ହୋଇଛି। ସମଗ୍ର ରାଜ୍ୟରେ ମୋଟ ୭୮୯ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀ ୧୪୧୩୬୦, ୭ମ ଶ୍ରେଣୀ ୧୦୦୮୬, ୮ମ ଶ୍ରେଣୀ ୫୭୪୪ ଓ ନବମ ଶ୍ରେଣୀର ୩୧୮୯ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀର ୮୭୫ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବା ବୋର୍ଡ ପକ୍ଷରୁ ଜଣାଯାଇଛି।

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ସିପିଆଇଏମ୍




ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରି ସିପିଆଇ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

ରଘୁନାଥପୁର,୩୦।୧୨(ରାଜେନ୍ଦ୍ର ନାରାୟଣ ସିଂହ)

ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଡ୍‌କରଙ୍କ ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଦେଇଥିବା ବିବାଦୀୟ ବକ୍ତବ୍ୟ ବିରୋଧରେ ସୋମବାର ବିରିଡ଼ି ବ୍ଲକ କାର୍ଯ୍ୟାଳୟ ମୁଖ୍ୟଫାଟକ ସମ୍ମୁଖରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଉପଲକ୍ଷେ ଜିଲା କମିଟି ସଭ୍ୟ ଯୁଧିଷ୍ଠିର ଦାସଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ଓଡ଼ିଶା ନିର୍ମାଣ ୟୁନିୟନର ରାଜ୍ୟ କାର୍ଯ୍ୟକାରୀ ସଭାପତି ସାଥୀ ଲୋଭାକାନ୍ତ ସ୍ୱାଇଁ ଯୋଗଦେଇ ସମ୍ବିଧାନ ପ୍ରଣେତା ଆମ୍ବେଡକରଙ୍କ ଦେଶପ୍ରେମ ଉପରେ ବକ୍ତବ୍ୟ ରଖିବା ସହିତ ଗଣତନ୍ତ୍ର ଓ ସମ୍ବିଧାନ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମକର୍ତ୍ତା ଗଣେଶ ଚନ୍ଦ୍ର ମାଣିଆ, ଯୁଧିଷ୍ଠିର ଦାସ ବକ୍ତବ୍ୟ ରଖିବା ସହ କେନ୍ଦ୍ରରେ ଥିବା ଭାଜପା ସରକାର ସମ୍ବିଧାନକୁ ହତ୍ୟା କରିବାକୁ ଉଦ୍ୟମ କରିବା ସହ ମିଛକଥା କହି ଲୋକଙ୍କୁ ଭୁଆଁ ବୁଲାଇ ଚାଲୁଛି ବୋଲି କହିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବେଣୁଧର ବାରିକ, ହରିଶଙ୍କର ସାହୁ, ରାମଚନ୍ଦ୍ର ଭୋଇ, ଶିବପ୍ରସାଦ ପାତ୍ର, ଉମେଶ ଦାଶ, ଗୋପାଳ ରାଓ ଦୋରା, ପ୍ରଶାନ୍ତ କୁମାର ମାଣିଆ, ଅଲେଖ ଚନ୍ଦ୍ର ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

## ବିଜେଡିକୁ ଝଟ୍‌କା, ଇସ୍ତଫା ଦେଲେ ୩ ନେତା

ଜଗତ୍‌ସିଂହପୁର, ୩୦।୧୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲାରେ ବିଜେଡିର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଏହାର ପ୍ରତିଫଳନ ସୋମବାର ପରିଲକ୍ଷିତ ହୋଇଛି । ନିର୍ବାଚନମଣ୍ଡଳୀର ୩ ବରିଷ୍ଠ ନେତା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଚିଠି କରି ଦଳ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବାକୁ ଅନୁରୋଧ କରିଛନ୍ତି । ସେମାନେ ହେଲେ ପ୍ରଦୀପ୍ତ କୁମାର ସ୍ୱାଇଁ, ଅଜୟ କୁମାର ମହାନ୍ତି ଓ ଜଗନ୍ନାଥ ଦାସ। ପ୍ରଦୀପ୍ତଙ୍କ ଘର ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତ ଅନ୍ତର୍ଗତ ଏରଡ଼ା ଗ୍ରାମରେ ହୋଇଥିବା ବେଳେ ସେ ବିଜେଡିର ଜଣେ ଆଗଧାଡିଆ ନେତା ଭାବେ ଜଣାଶୁଣା। ପ୍ରଦୀପ୍ତଙ୍କ ସ୍ତ୍ରୀ ଅମିତା ସ୍ୱାଇଁ ଜିଲା ପରିଷଦ ସଭ୍ୟା ଅଛନ୍ତି। ପ୍ରଦୀପ୍ତ ତାଙ୍କ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି, ଦୀର୍ଘ ଦିନ ଧରି ଅର୍ଥାତ୍ ଜନତା ଦଳରୁ ରାଜନୈତିକ କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ସମୟରେ ବିଜୁ ଜନତା ଦଳର ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇ ଆସିଛନ୍ତି। ଛାତ୍ର ଜନତା ଦଳର ଜିଲା ସଭାପତି, ବିଜୁ ଯୁବ ଜନତା ଦଳର ଜିଲା ସଭାପତି, ବିଜୁ ଜନତା ଦଳର ଜିଲା ଉପସଭାପତି ଭଳି ପଦବୀରେ ରହିଥିଲେ। ଏଥିସହିତ ୨୦୦୪ରେ ତତ୍କାଳୀନ ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇଥିଲେ। କିନ୍ତୁ ସ୍ଥାନୀୟ ନେତୃତ୍ୱଙ୍କ ପାଇଁ ସେ ଦଳରେ ଅଲୋଡ଼ା ହୋଇଯାଇଛନ୍ତି। ତେଣୁ ସେ ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା ସ୍ପଷ୍ଟ କରିଛନ୍ତି। ଅନୁରୂପ ଭାବେ ଅଜୟ ମଧ୍ୟ ବିଜେଡିରେ ତାଙ୍କୁ ଅଲୋଡ଼ା କରାଯାଇଥିବା କଥା ଦର୍ଶାଇ ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେବାକୁ ବିଜେଡି ରାଜ୍ୟ ସଭାପତିଙ୍କୁ ପତ୍ର ଲେଖିଛନ୍ତି। ନାଉଗାଁ କାନୁନ୍‌ଗୋ ସାହି ବାସିନ୍ଦା ଅଜୟ ମଧ୍ୟ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି, ସେ ଜନତା ଦଳ ଓ ବିଜେଡିରେ ଦୀର୍ଘଦିନ ଧରି କେବଳ କାର୍ଯ୍ୟ କରିନାହାନ୍ତି, ବିଭିନ୍ନ ପଦ ପଦବୀରେ ରହିଛନ୍ତି। ଏପରି କି ତତ୍କାଳୀନ ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ମଧ୍ୟ ରହିଥିଲେ। ମାତ୍ର ବର୍ତ୍ତମାନ ସ୍ଥାନୀୟ ବିଜେଡି ନେତୃତ୍ୱଙ୍କ ଦ୍ୱାରା ଅଖୋଜା ଅଲୋଡ଼ା ହୋଇଯାଇଛନ୍ତି। ଏ ପରିସ୍ଥିତିରେ ସେ ଦଳରେ କାର୍ଯ୍ୟ କରିବା ସମ୍ଭବ ନୁହେଁ ଦର୍ଶାଇ ବିଜେଡି ପ୍ରାଥମିକ ସଦସ୍ୟ ପଦବୀରୁ ଇସ୍ତଫା ପାଇଁ ଚିଠି ଲେଖିଛନ୍ତି। ନାଉଗାଁ, ବାଲିସାହି ବାସିନ୍ଦା ଜଗନ୍ନାଥ ତାଙ୍କ ଇସ୍ତଫା ପତ୍ରରେ ଉଲ୍ଲେଖ କରିଛନ୍ତି, ସେ ବିଜେଡିରେ ବହୁ ଦିନ ଧରି କାର୍ଯ୍ୟ କରିବା ସହ ୨୦୧୭ରେ ସ୍ୱାଧୀନ ଭାବେ ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜିଲା ଉପସଭାପତି ପଦ ଅଳଙ୍କୃତ କରିଥିଲେ। ମାତ୍ର ସ୍ଥାନୀୟ ବିଜେଡି ନେତୃତ୍ୱଙ୍କ ପାଇଁ ଏବେ ସେ ଦଳ ଛାଡିବାକୁ ନିଷ୍ପତ୍ତି ନେବା ସହ ଇସ୍ତଫାପତ୍ର ପଠାଇଥିବା ଦର୍ଶାଇଛନ୍ତି। ଏକଦା ନାଉଗାଁ ବିଜେଡିର ମୁଣ୍ଡିଆଳ କୁହାଯାଉଥିବା ଏହି ୩ ନେତା ଦଳ ଛାଡ଼ିବା ନିର୍ବାଚନମଣ୍ଡଳୀରେ ରାଜନୈତିକ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ଏ ସମ୍ପର୍କରେ କେତେଜଣ ଭାଜପା ନେତା ନାମ ଗୋପନ ରଖି କହିଛନ୍ତି, ଇଏ କେବଳ ଆରମ୍ଭ ମାତ୍ର। ଆଗକୁ ଏହି ସଂଖ୍ୟା ବଢ଼ିବ। ବିଜେଡି ବନ୍ଧରେ ଘଳିଆ ପଡ଼ିବା ଆରମ୍ଭ ହୋଇଥିବାରୁ ଆଗକୁ ପରିସ୍ଥିତି କେଉଁ ମୋଡ଼ ନେବ ତାହା କହିବା ସହଜ ନୁହେଁ ବୋଲି ଏହି ନେତାମାନେ କହିଛନ୍ତି ।

### ଆଗକୁ ଏହି ସଂଖ୍ୟା ବଢ଼ିବା ଆଭାସ



ବିଜେଡିରୁ ଇସ୍ତଫା ଦେଇଥିବା ୩ ନେତା।

# ଦୁର୍ଘଟଣା ମୃତ୍ୟୁ ରୋକିବାକୁ ପ୍ରୟାସ

- ଜାନୁଆରୀ ୧ରୁ ୭ଦିନ ହେବ ସଡ଼କ ସୁରକ୍ଷା ସପ୍ତାହ
- ୯ ବ୍ଲାକ୍ ସ୍ପଟ୍‌ରେ ହେବ ଯାଞ୍ଚ କଡ଼ାକଡ଼ି
- ପାର୍କିଂ ବ୍ୟବସ୍ଥା ନ କରି ଜରିମାନା ଆଦାୟକୁ ନେଇ ଉଦ୍‌ବେଗ

ନୟାଗଡ଼,୩୦।୧୨(ଲୋକନାଥ ମିଶ୍ର)



ସଡ଼କ ସୁରକ୍ଷା ପାଳନ ଲାଗି ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଶାସନିକ ଅଧିକାରୀମାନେ।

ରାଜ୍ୟରେ ଦୁର୍ଘଟଣା ଜନିତ ମୃତ୍ୟୁ ଚିନ୍ତାର କାରଣ ପାଲଟିଛି। ଏହି ପରିପ୍ରେକ୍ଷୀରେ ଜାନୁଆରୀ ୧ରୁ ୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇ ସଚେତନତା କରାଯିବ। ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ହେଲମେଟ, ମଦ୍ୟପାନ କରି ଗାଡ଼ି ଚାଳନା, ସିଟବେଲ୍ଟ ଧରପଗଡ଼, ଓଭର ସ୍ପିଡ, ଓଭରଲୋଡ଼, ନାବାଳକ ଗାଡ଼ି ଚାଳନା, ଗାଡ଼ି ଚାଳନା ବେଳେ ମୋବାଇଲରେ କଥାବାର୍ତ୍ତା ଧରପଗଡ଼କୁ ଗୁରୁତ୍ୱ ଦିଆଯିବ ବୋଲି ସୋମବାର ସନ୍ଧ୍ୟାରେ ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷରେ ଖବରଦାତା ସମ୍ମିଳନୀ ଅତିରିକ୍ତ ଜିଲାପାଳ ରୋଜିନା ଦାସ ସତର୍କ କରାଇ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଦୁର୍ଘଟଣା ରୋକିବାକୁ ଜିଲା ପ୍ରଶାସନ ନେଇଥିବା ପଦକ୍ଷେପ ଉପରେ ଟିପ୍ପଣି ଦେଇଥିଲେ। ବୈଠକରେ ନୟାଗଡ଼ ଆରଟିଓ ପ୍ରଶାନ୍ତ ପରିଡ଼ା, ହେଡକ୍ୱାଟର ଡିଏସ୍‌ପି ସୁକାନ୍ତ ପାତ୍ର, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଶରତ ଚନ୍ଦ୍ର ଦାଶ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ।

ବୈଠକର ପ୍ରସ୍ତାବ ଅନୁସାରେ ନାବାଳିକା ଓ ନାବାଳକଙ୍କୁ ଗାଡ଼ି ଚାଳନା ନ କରିବାକୁ ପରାମର୍ଶ ଦିଆଯାଇଛି। ସଚେତନତା ପାଇଁ ସ୍କୁଲ ଓ କଲେଜର ମୁଖ୍ୟଙ୍କୁ ଅବଗତ କରାଯିବ। ଅନ୍ୟପକ୍ଷେ ପୋଲିସ ଓ ଆଞ୍ଚଳିକ ପରିବହନ ବିଭାଗର ମିଳିତ ସହଯୋଗରେ ଜିଲାର ବିଭିନ୍ନସ୍ଥାନରେ ୭ଦିନ ଧରି ଚଢ଼ାଉ ଜାରି ରହିବ। ସଡ଼କ ଆଇନକୁ ଅଣଦେଖା କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ୨୦୨୨ରେ ଜିଲାରେ ୧୨ଟି ବ୍ଲାକ୍ ସ୍ପଟ(କଳାଦାଗ କ୍ଷେତ୍ର) ଚିହ୍ନଟ ହୋଇଥିବାବେଳେ ୨୦୨୩ ଓ ୨୦୨୪ରେ ୯ଟି ଚିହ୍ନଟ ହୋଇଛି। ବ୍ଲାକ ସ୍ପଟଗୁଡିକ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ଦଶପଲ୍ଲା ଥାନା ଅନ୍ତର୍ଗତ ବୁଗୁଡା, ଟାକେରା, ଏସ.ଆର ପେଟ୍ରୋଲ ପମ୍ପ ଓ ସୁବଳୟା, ନୂଆଗାଁ ଥାନାର ଲୁଣିସରା ଓ ସମ୍ପଡ଼ା, ନୟାଗଡ଼ ସଦର ଥାନାର ଶିମଳିସାହି, ଇଟାମାଟି ଥାନାର ଇଟାମାଟି ସିନେମାହଲ ଛକଠାରୁ ଖୁସି ଢ଼ାବା ପର୍ଯ୍ୟନ୍ତ ଓ ପଣ୍ଡୁସରଠାରୁ ହରେକୃଷ୍ଣପୁର ପର୍ଯ୍ୟନ୍ତ ରହିଛି। ସେହିପରି ବ୍ଲାକ ସ୍ପଟକୁ ସଂଶୋଧନ କରାଇବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲାକ ସ୍ପଟ ଅଞ୍ଚଳରେ ଆମ୍ବୁଲାନ୍ସ ରଖିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଛି। ଦୁର୍ଘଟଣା ଘଟିବାର ମୁହୂର୍ତ୍ତ ମଧ୍ୟରେ ଆହତଙ୍କୁ ତୁରନ୍ତ ମେଡିକାଲକୁ ପଠାଇ ବଞ୍ଚାଇବାକୁ ଚେଷ୍ଟା କରାଯିବ। ପୋଲିସ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବ୍ଲାକ ସ୍ପଟରେ ଯାଞ୍ଚ କଡାକଡି କରାଯିବ ।ଅପରପକ୍ଷେ ଜିଲା ସଦର ମହକୁମାରେ ପାର୍କିଂ ବ୍ୟବସ୍ଥା ନ କରି ଜରିମାନା ଆଦାୟକୁ ଗୁରୁତ୍ୱ ଦିଆଯାଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ରାସ୍ତାକଡ଼ରେ ଗାଡ଼ି ରଖାଯାଉଥିବା ନେଇ କ୍ଷୋଭ ପ୍ରକାଶ ପାଇଛି। ସ୍କୁଲ ବସ, ମିନି ବସରେ ଅଧିକ ଛାତ୍ରୀଛାତ୍ର ଯାଉଥିବା ମତପ୍ରକାଶ ପାଇଥିଲା।

## ଚିନ୍ତାର କାରଣ ଦୁର୍ଘଟଣା ମୃତ୍ୟୁ

ନୟାଗଡ ଜିଲାରେ ୨୦୨୧ରୁ ୨୦୨୪ ୪ବର୍ଷ ମଧ୍ୟରେ ୩୬୬ ଜଣଙ୍କ ସଡକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଦୁର୍ଘଟଣା ଜନିତ ମୃତ୍ୟୁକୁ ଅନୁଧ୍ୟାନ କଲେ ସଂଖ୍ୟା ବଢ଼ି ଚାଲିବାରୁ ଏହା ଚିନ୍ତାର କାରଣ ପାଲଟିଛି। ଦୁର୍ଘଟଣା ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଥିବାରୁ ଅତିରିକ୍ତ ଜିଲାପାଳ ଉଦ୍‌ବେଗ ପ୍ରକାଶ କରି ସଚେତନତାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ୨୦୨୧ ବର୍ଷରେ ୭୪ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୭୬ ଆହତ ହୋଇଥିଲେ। ସେହିଭଳି ୨୦୨୨ ବର୍ଷରେ ୯୫ଜଣଙ୍କର ଜୀବନ ଯାଇଥିବାବେଳେ ୧୫୫ ଆହତ ହୋଇଥିଲେ। ୨୦୨୩ରେ ୧୦୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୪୫ ଜଣ ଆହତ ହୋଇଥିଲେ। ୨୦୨୪ ନଭେମ୍ବର ସୁଦ୍ଧା ୯୫ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୬୮ ଜଣ ଆହତ ହୋଇଛନ୍ତି।

## ୫୨୭ ଚାଳକଙ୍କ ଲାଇସେନ୍ସ ରଦ୍ଦ

ନୟାଗଡ଼ ଜିଲାରେ ବେଆଇନ ଗାଡ଼ିଚାଳନା କରି ୨୦୨୪ ଜାନୁଆରୀରୁ ନଭେମ୍ବର ପର୍ଯ୍ୟନ୍ତ ୫୨୭ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ହୋଇଛି। ହେଲମେଟ ନ ଥାଇ ୧୩୧, ଓଭର ସ୍ପିଡି ଗାଡ଼ି ଚାଳନା କରି ୧୩୨ଟି ଡ୍ରାଭିଂ ଲାଇସେନ୍ସ ରଦ୍ଦ ହୋଇଛି। ସେହିପରି ମୋବାଇଲ ଫୋନ ବ୍ୟବହାର କରି ଗାଡ଼ି ଚାଳନା କରିବାରୁ ୪୫ଜଣଙ୍କ, ମଦ୍ୟପାନ କରି ଗାଡ଼ି ଚାଳନା କରି ୧୦୬ଜଣଙ୍କ, ଓଭର ଲୋଡିଂ ଯୋଗୁ ୧୦୨ଜଣ ଚାଳକଙ୍କ ଲାଇସେନ୍ସ ବାତିଲ ହୋଇଛି। ପୁଣି ମାଲବୋଝେଇ ଗାଡିରେ ଯାତ୍ରୀ ନେଉଥିବା ଅଭିଯୋଗରେ ୧୧ଜଣ ଡ୍ରାଇଭରଙ୍କ ଲାଇସେନ୍ସ ବାତିଲ ହୋଇଛି। ଅଜଣା ଗାଡ଼ି ଧକ୍କାରେ ୨୦୨୪-୨୫ ବର୍ଷରେ ପ୍ରାଣ ହରାଇଥିବା ୧୨ ପରିବାର ସୋଲାସିୟମ ଫଣ୍ଡରେ ସହାୟତା ପାଇବା ପାଇଁ ଆବେଦନ କରିଛନ୍ତି। ଯାହା ତଦନ୍ତସାପେକ୍ଷ ରହିଛି। ଅପରପକ୍ଷେ ଗୁଡ୍ ସାମରିଟିଆନ ପୁରସ୍କୃତ ହେଉନାହାନ୍ତି। ଯେଉଁମାନେ ଦୁର୍ଘଟଣା ଜନିତ ସ୍ଥାନରେ ପହଞ୍ଚି ଦେବଦୂତ ପରି ଜୀବନ ବଞ୍ଚାଇବାରେ ସହଯୋଗ କରିଥିଲେ। ସେହିପରି ୮୨୦୯ ଚାଲାଣ କଟାଯାଇ ୬୧ ଲକ୍ଷ ୩୧ ହଜାର ୧୪୩ ଟଙ୍କା ଜରିମାନା ଆଦାୟ ହୋଇଛି। ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ୭,୪୪୩ଟି ପ୍ରୋସିକ୍ୟୁସନ ରିପୋର୍ଟ (ପିଆର) ଦାଖଲ ହୋଇଥିବାବେଳେ ୫୫୬ଟି ଫଇସଲା ହୋଇଯାଇଛି।

# ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା


ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି ବୃନ୍ଦ।

ନୟାଗଡ଼, ୩୦।୧୨ (ଲୋକନାଥ ମିଶ୍ର)

### ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକ

ବିଶ୍ୱବିଖ୍ୟାତ ଅର୍ଥନୀତି ବିଶାରଦ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକରେ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ସିଂଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହ ଫଟୋରେ ପୁଷ୍ପ ଅର୍ପଣ କରି ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ପୌରାଞ୍ଚଳ ଅଧ୍ୟକ୍ଷା ନିରୁପମା ଖଟେଇ, ସିପିଆଇଏମ୍ ନେତା ବିଶ୍ୱନାଥ ମହାପାତ୍ର, ଆଇନଜୀବୀ ରଣଜିତ ଦାଶ, କୃଷକ ନେତା ସନ୍ତୋଷ ପ୍ରଧାନ, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରମୁଖ ଯୋଗଦେଇ ଦେଇ ପୂର୍ବତନ ପ୍ରଧାନମନ୍ତ୍ରୀ ସିଂଙ୍କ ବିୟୋଗରେ ଶୋକ ପ୍ରକାଶ କରିଥିଲେ। ବକ୍ତାମାନେକହିଥିଲେ ଅର୍ଥନୀତି କ୍ଷେତ୍ରରେ ସାରା ବିଶ୍ୱରେ ମନମୋହନ ସିଂ ଜଣାଶୁଣା ଥିଲେ। ତାଙ୍କ ଶାନ୍ତ ସ୍ୱଭାବ ତାଙ୍କୁ ରାଜନୀତିରେ ସ୍ୱତନ୍ତ୍ର କରିଥିଲା। ଡିସେମ୍ବର ୨୬ରେ ତାଙ୍କର ପରଲୋକ ହୋଇଥିଲା। ହେଲେ ଭାରତୀୟ ଅର୍ଥନୀତିର କୌଟିଲ୍ୟ କୁହାଯାଉଥିବା ସିଂଙ୍କର ଅନେକ କଥା, ପଦକ୍ଷେପ ସବୁଦିନ ପାଇଁ ମନେ ରହିବ। ଏଥିସହ ଶିକ୍ଷାବିତ୍ ଉମର ମଲ୍ଲିକ, ଆଇନଜୀବୀ କିଶୋର ମହାପାତ୍ର, ବିଜେଡି ନେତ୍ରୀ ଇରାନୀ ରାୟ, ଶ୍ରୀକାନ୍ତ ପଟ୍ଟନାୟକ, ଦିଲୀପ ବିଶୋଇ, ଦେବରାଜ ନାୟକ, ପ୍ରଦୀପ ସାହୁ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାକୁ ପ୍ରଦୀପ୍ତ ରଥ ପରିଚାଳନା କରିଥିଲେ। ଶେଷରେ ଗଙ୍ଗାଧର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଉଜୁଡ଼ା ଧାନ, ପରିବା ଫସଲ ଦେଖି ଚିନ୍ତାରେ ଚାଷୀ

ଶରଣକୁଳ, ୩୦।୧୨(ଦୀପକ କର)

ନୟାଗଡ଼ ଜିଲା ଶରଣକୁଳ ଅଞ୍ଚଳରେ ଲଗାଣ ବର୍ଷାରେ ଧାନ ଓ ପରିବା ଫସଲ ନଷ୍ଟ ହୋଇଛି। ବିଲରେ ବର୍ଷା ପାଣି ଜମି ରହିବା ଯୋଗୁ କାକୁଡି, ଝୁଡଙ୍ଗ, ଲଙ୍କା, ବାଇଗଣ, କଲରା, କୋବି, ବିଲାତି ଓ କଖାରୁ ଆଦି ପରିବା ଗଛ ମୂଳରୁ ପଚିଯାଇଛି। କୋହଲା ପାଗ ଯୋଗୁ ଜମିରେ ପୋକ ସଂଖ୍ୟା ଏତେ ବଢ଼ିଯାଇଛନ୍ତି ଯେ ରୋଗପୋକ ନିୟନ୍ତ୍ରଣ କରିବା ଚାଷୀଙ୍କ ଲାଗି ଅସମ୍ଭବ ହୋଇପଡିଛି। ଏପରି ପରିସ୍ଥିତିରେ ଧାନ ଚାଷ କୃଷକଙ୍କ ଭଳି ପରିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଧାର୍ କରଜ କରି ବିଭିନ୍ନ ପନିପରିବା ଚାଷ କରିଥିବା ଚାଷୀ କିପରି ଋଣ ପରିଶୋଧ କରିବେ ସେହି ଚିନ୍ତାରେ ଅଛନ୍ତି। ଏଣେ ପରିବା ଅଭାବ ଯୋଗୁ ଖୋଲା ବଜାରରେ ଦର ବଢ଼ିଛି। ବର୍ଷାରେ ବ୍ୟାପକ କ୍ଷତି ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସରକାରୀ ସ୍ତରରେ କ୍ଷୟକ୍ଷତିର ଆକଳନ କରାଯାଇନାହିଁ।

ଶରଣକୁଳ ନିକଟସ୍ଥ ହରିହରପୁର, ଗୋଡିପଲ୍ଲୀ ଓ ଆଖପାଖ ପଞ୍ଚାୟତର ଶହ ଶହ ଏକର ପନିପରିବା ଫସଲ ନଷ୍ଟ ହୋଇଛି। ଧାର୍ କରଜ କରି ଚାଷୀ କରିଥିବା ଫସଲ ଉଜୁଡିବା ପରେ ଋଣ ପରିଶୋଧ ଚିନ୍ତା ଘାରିଛି। ଶହ ଶହ ଏକର ଧାନ ଫସଲରେ ପାଣି ଜମି ରହି ଗଜା ହୋଇଯାଇଛି। ସରକାର ପନିପରିବା ଫସଲ କ୍ଷୟକ୍ଷତି ପାଇଁ ଏ ପର୍ଯ୍ୟନ୍ତ ସହାୟତା ପ୍ରଦାନ ପାଇଁ କୌଣସି ଘୋଷଣା କରିନାହାନ୍ତି। ଗୋଡିପଲ୍ଲୀ ଗ୍ରାମର ଚାଷୀ ସାଲୁ ରାଉତ, ମାନସ ଓ ଚଢ଼େୟାପଲ୍ଲୀ ଗ୍ରାମର ଚାଷୀ ଧନେଶ୍ୱର ପ୍ରଧାନ, ସଞ୍ଜୟ କୁମାର ପାଳ, ରବୀନ୍ଦ୍ର ନାୟକ, କୋତରଙ୍ଗ ଗ୍ରାମର ସୁଶାନ୍ତ କୁମାର ରାଜ, ସର୍ବେଶ୍ୱର ପ୍ରଧାନ, ତ୍ରିଲୋଚନ ରାଉତ, ହରିହର ପାତ୍ର, ମନୋଜ ପାତ୍ର ଚଢ଼େୟାପଲ୍ଲୀ, ଗୋଡିପଲ୍ଲୀ ଓ କୋତରଙ୍ଗ ଗ୍ରାମରେ ଶହ ଶହ ଏକର ଜମିରେ ହୋଇଥିବା ପନିପରିବା ନଷ୍ଟ ହୋଇଛି ବୋଲି ସେମାନେ କହିଛନ୍ତି। ଗୋଡିପଲ୍ଲୀ ଗ୍ରାମର ଚାଷୀ ସିଦ୍ଧେଶ୍ୱର ସ୍ୱାଇଁ କହିଛନ୍ତି, ବର୍ଷାଜଳ କମିବା ପରେ ଫୁଲକୋବି, ବିଲାତି, କଖାରୁ, ଝୁଡୁଙ୍ଗ ପରି ପରିବା ପଚି ଯାଇଛି। ଜମିରେ ଚାଷ ହୋଇଥିବା ସବୁ ଫସଲ ନଷ୍ଟ ହୋଇଛି। ଧାନ ଫସଲ ଉଜୁଡିବା ପରେ ପରିବା ଚାଷ ଦୁଃଖ ଦେଇଛି। ବର୍ଷା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ସରକାରୀ ସହାୟତା ନ ଥିବାରୁ ଚାଷୀ ନୂଆ ଫସଲ କରିବାକୁ ପୁଣି ଋଣଗ୍ରସ୍ତ ହୋଇପଡ଼ିବା ଚିନ୍ତାରେ ଘାରିଛି। ସରକାର କ୍ଷତିପୂରଣ ଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ପୂର୍ବତନ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ କ୍ଷତି ହୋଇଥିବା ପରିବା ଓ ଧାନ ଚାଷ ଅଞ୍ଚଳ ପରିଦର୍ଶନ କରି ଚାଷୀମାନଙ୍କୁ ଆଶ୍ୱସନା ଦେବା ସହ ଯଥାଶୀଘ୍ର ଚାଷୀମାନଙ୍କୁ କିପରି ସରକାରୀ ସହାୟତା ମିଳିପାରିବ ସେ ନେଇ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।


ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ ଚାଷୀ ଫସଲ କ୍ଷୟକ୍ଷତି ବୁଲି ଦେଖୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମନମୋହନ


@ ରାକେଶ


@ ରୋଜିନା


@ ସ୍ମୃତିରେଖା


@ ସ୍ୱାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଳାକାରଙ୍କ ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

ଦଶପଲ୍ଲା, ୩୦।୧୨ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ୍‌ର କୁଲୁରୁକୁମ୍ପା ପଞ୍ଚାୟତରେ ସୋମବାର ପୂଜକ, ପୁରୋହିତ, ଭାଗବତ ଓ ସଙ୍କୀର୍ତ୍ତନ ମଣ୍ଡଳୀ କର୍ମୀ ତଥା କଳାକାର, ଏସ୍‌କେପି ବିଶ୍ୱ ଧାର୍ମିକ ଓ ସାଂସ୍କୃତିକ କର୍ମୀ ସଂଘ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ସମ୍ବଳିତ ଦାବିପତ୍ର କୁଲୁରୁକୁମ୍ପା ସରପଞ୍ଚ ଅଶୋକ କୁମାର ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ସବୁ ବୟସର ପ୍ରତ୍ୟେକ ସଂକୀର୍ତ୍ତନ ମଣ୍ଡଳୀ ଓ ଭାଗବତ ମଣ୍ଡଳୀ କର୍ମୀଙ୍କୁ ମାସିକ ୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉ, ସବୁ ବୟସର ପ୍ରତ୍ୟେକ ବାଦକ, ଗାୟକ, ନାଟ୍ୟକାର ଆଦି କଳାକାରଙ୍କୁ ମାସିକ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ପୂଜା, ପଣ୍ଡିତ, ପୁରୋହିତ କର୍ମୀଙ୍କୁ ମାସିକ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ସରକାରୀ, ବେସରକାରୀ, ଛୋଟ ବଡ଼ ସମସ୍ତ ମଠ, ମନ୍ଦିର ସେବକ କର୍ମୀଙ୍କୁ ମାସିକ ୨୦ ହଜାର ଟଙ୍କା ଦରମା, ପ୍ରତି ଗ୍ରାମରେ ଏକ ଧାର୍ମିକ ଓ ସାଂସ୍କୃତିକ କୋଠଘର ନିର୍ମାଣ କରାଯାଉ, ଅବସରପ୍ରାପ୍ତ ପ୍ରତ୍ୟେକ ଧାର୍ମିକ ଓ ସାଂସ୍କୃତିକ କର୍ମୀଙ୍କ ପାଇଁ ଉପଯୁକ୍ତ ପେନସନର ବ୍ୟବସ୍ଥା କରାଯାଉ। ପ୍ରତ୍ୟେକ ଧାର୍ମିକ ଓ ସାଂସ୍କୃତିକ କର୍ମୀଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଜୀବନ ବୀମାର ବ୍ୟବସ୍ଥା କରାଯାଉ ପ୍ରଭୃତି ଦାବି ଉପସ୍ଥାପନ କରାଯାଇଛି। ଆୟୋଜିତ ସଭାରେ ରାଜ୍ୟ ସଂଯୋଜକ ସର୍ବେଶ୍ୱର ଦାଶ, ରାଜ୍ୟ ନିର୍ଦ୍ଦେଶକ ମମତା ମିଶ୍ର, ପ୍ରତିଷ୍ଠାତା ସୁକାନ୍ତ କୁମାର ପଣ୍ଡା, ସହକାରୀ ମ୍ୟାନେଜର ବସନ୍ତ କୁମାର ମହାଳିକ, ପଞ୍ଚାୟତ କର୍ମକର୍ତ୍ତା , ନିର୍ମଳା ମଳିକ, ବସନ୍ତ କୁମାର ମହାଳିକ, ଗୁରୁଦେବ ଦେହୁରୀ, ସସ୍ମିତା ମହାକୁଡ଼ଙ୍କ ନେତୃତ୍ୱରେ ବହୁ କଳାକାର ଯୋଗଦେଇ ଉପରୋକ୍ତ ଦାବି ପୂରଣ ପାଇଁ ଦାବି କରିଥିଲେ।



କଳାକାରମାନଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ପଠାଣି ସାମନ୍ତ ସଂଗ୍ରହାଳୟରେ ଛାତ୍ରୀଛାତ୍ର, ପର୍ଯ୍ୟଟକଙ୍କ ଭିଡ଼

ଖଣ୍ଡପଡ଼ା, ୩୦।୧୨
(ଅଜୟ କୁମାର ମହାରଣା)

ପଠାଣି ସାମନ୍ତଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଜନ୍ମ ମାଟି ଖଣ୍ଡପଡ଼ାରେ ୨୦୧୬ ଡିସେମ୍ବର ୨୧ ସଂଗ୍ରହାଳୟ ପ୍ରତିଷ୍ଠା ହୋଇଥିଲା। ଇତିମଧ୍ୟରେ ୮ବର୍ଷ ଅତିକ୍ରମ କରିଥିବାବେଳେ ଦେଢ଼ ଲକ୍ଷରୁ ଅଧିକ ପର୍ଯ୍ୟଟକ ସଂଗ୍ରହାଳୟ ପରିଦର୍ଶନ କରିଥିବା ଜଣାଯାଇଛି। ଖଣ୍ଡପଡ଼ା ସହରସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟ ପରିସରରେ ୨ଦିନ ଧରି ରାଜ୍ୟର ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବର୍ଷ ଶେଷରେ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର କଣ୍ଟିଲୋକୁ ଆସୁଥିବା ଅନୁଷ୍ଠାନର ଛାତ୍ରୀଛାତ୍ର ଓ ପର୍ଯ୍ୟଟକ ପଠାଣି ସାମନ୍ତ ସଂଗ୍ରହାଳୟ ପରିଦର୍ଶନ କରି ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ କୃତୀ ଓ ଜୀବନ ବୃତ୍ତାନ୍ତ ସମ୍ପର୍କରେ ଜ୍ଞାନ ଆହାରଣ କରିଥିବା ସଂଗ୍ରହାଳୟ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ। ତେବେ ରବିବାର ଗୋଟିଏ ଦିନରେ ୧ ହଜାରରୁ ଅଧିକ ଛାତ୍ରୀଛାତ୍ର ଓ ପର୍ଯ୍ୟଟକ ସଂଗ୍ରହାଳୟ ପରିଦର୍ଶନ କରି ଖୁସି ପ୍ରକଟ କରିଥିବା ଜଣାଯାଇଛି।

# ୨ ଛେନାପୋଡ଼ ଦିବସକୁ ନେଇ ବିବାଦ

ନୟାଗଡ଼,୩୦।୧୨(ଲୋକନାଥ ମିଶ୍ର)

- ଆଜି ପାଳନ ହେବ ପୁଣି ଛେନାପୋଡ଼ ଦିବସ
- ଛେନାପୋଡର ସ୍ରଷ୍ଟାଙ୍କୁ ନେଇ ଲାଗିଲା ବିବାଦ
- ପୁଅ ନା ବାପା ସ୍ରଷ୍ଟାଙ୍କୁ ନେଇ ଦ୍ୱନ୍ଦ୍ୱ
- ଜିଆଇ ଟ୍ୟାଗ୍ ମାନ୍ୟତାରେ ବାଧକ ସାଜିପାରେ ବିବାଦ

ଏପ୍ରିଲ ୧୧ରେ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହେଉଥିବାବେଳେ ଡିସେମ୍ବର ୩୧ରେ ପୁଣି ବିଶ୍ୱ ଛେନାପୋଡ଼ ଦିବସ ପାଳନକୁ ନେଇ ବିବାଦ ଆରମ୍ଭ ହୋଇଛି। ଗୋଟିଏ ବର୍ଷରେ ୨ଟି ଛେନାପୋଡ଼ ଦିବସ ପାଳନକୁ ନେଇ ଶ୍ରେୟ କାହା ପାଖକୁ ଯିବ ସେନେଇ ଲଢ଼େଇ ଆରମ୍ଭ ହୋଇଛି। ଡିସେମ୍ବର ୩୧ରେ ଦଶପଲ୍ଲାର ଏନ୍‌ଏସିର ଜରିପାଟଣାରେ ସନ୍ଧ୍ୟା ୬ଟାରେ ବିଶ୍ୱ ଛେନାପୋଡ଼ ଦିବସ ପାଳନକୁ ନେ'ଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଭଳିସ୍ଥଳେ ଛେନାପୋଡ଼ର ପ୍ରକୃତ ସ୍ରଷ୍ଟା ଦଶପଲ୍ଲା ଜରିପାଟଣାର ପୁଅ ସୁଦର୍ଶନ ସାହୁ ନାଁ ବାପା ବିଦ୍ୟାଧର ସାହୁଙ୍କୁ ନେଇ ବିବାଦ ଦେଖାଦେଇଛି। ଛେନାପୋଡ଼ର ସ୍ରଷ୍ଟାଙ୍କୁ ନେଇ ଗୋଟିଏ ପରିବାରରେ ଦେଖା ଦେଇଥିବା କନ୍ଦଳ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ବାଧକ ସାଜି ପାରେ ବୋଲି ସନ୍ଦେହ ପ୍ରକାଶ ପାଇଲାଣି। ତେବେ ପୁଅ ହେଉ କି ବାପା ଯେ କେହି ସ୍ରଷ୍ଟା ହୁଅନ୍ତୁ ନାଁ କାହିଁକି ଉଭୟେ କେହି ଜୀବିତ ନାହାନ୍ତି। ସାଧାରଣ ଲୋକଙ୍କ ଯୁକ୍ତି ଗୋଟିଏ ପରିବାରର ବିବାଦ ଯେପରି ନୟାଗଡ଼ର ଛେନାପୋଡ଼କୁ ଜିଆଇ ଟ୍ୟାଗ ମାନ୍ୟତାରେ ବାଧକ ନ ହେଉ। ଅପରପକ୍ଷେ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ଛେନାପୋଡ଼ ଶବ୍ଦର ନାଁ ଶୁଣିଲେ ମନକୁ ଆସେ ନୟାଗଡ଼ର ନାଁ। ପୁଣି ଜଗତରନାଥ ଜଗନ୍ନାଥଙ୍କର ପାଖରେ ଲାଗି ହୋଇଥାଏ ନୟାଗଡ଼ର ଏହି ପ୍ରସିଦ୍ଧ ସ୍ୱାଦିଷ୍ଟ ମିଠା। ତେବେ ଏହି ସ୍ୱାଦିଷ୍ଟ ମିଠାକୁ ଜିଓ ଗ୍ରାଫିକାଲ୍ ଇଣ୍ଡିକେସନ(ଜିଆଇ) ଟ୍ୟାଗ୍ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ମାନ୍ୟତା ମିଳିପାରିନାହିଁ। ଛେନାପୋଡକୁ ବାପା ନାଁ ପୁଅ ପ୍ରଥମେ ତିଆରି କରିଥିଲେ ସେନେଇ ପ୍ରଶ୍ନ ଉଠିଛି। ସୁଦର୍ଶନଙ୍କର ମୃତ୍ୟୁର ୬ ବର୍ଷପରେ ଜନ୍ମ ଦିବସରେ ନୟାଗଡ଼ ଜିଲାବାସୀ ଛେନାପୋଡ଼ ଦିବସ ପାଳନ କରିଥିବାରୁ ସୁଦର୍ଶନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇଥିଲା। ସୁଦର୍ଶନଙ୍କ ଜନ୍ମ ଦିବସ ଏପ୍ରିଲ ୧୧କୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ଧୁମ୍‌ଧାମରେ ନୟାଗଡ଼ ଜିଲା ସମେତ ଦେଶ ବିଦେଶରେ ମଧ୍ୟ ପାଳନ କରାଯାଉଛି। ତଥ୍ୟ ଓ ପ୍ରମାଣ ଆଧାରରେ ସୁଦର୍ଶନ ଛେନାପୋଡ଼ର ସ୍ରଷ୍ଟା ଯୁକ୍ତି କରାଯାଇ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦାବି କରାଯାଇଛି। ଅପରପକ୍ଷେ ବିଦ୍ୟାଧର ସାହୁଙ୍କ ଜନ୍ମ ଦିବସ ଜଣା ନ ଥିବାରୁ ଶ୍ରାଦ୍ଧ ଦିବସ ଡିସେମ୍ବର ୩୧କୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବାପା ବିଦ୍ୟାଧର ପ୍ରଥମେ ଛେନାପୋଡ଼ ତିଆରି କରିଥିଲେ। ବାପାଙ୍କ ନାଁକୁ ହାଇଜାକ କରି ପୁଅକୁ ସ୍ରଷ୍ଟା କୁହାଯିବା ଠିକ୍ ନୁହେଁ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଛି। ବାପା ବିଦ୍ୟାଧର ଯେ ଛେନାପୋଡ଼ର ସ୍ରଷ୍ଟା ବୋଲି ପ୍ରମାଣ ରହିଥିବା ପରିବାର ପକ୍ଷରୁ ବିଦ୍ୟାଧର ସାହୁ ସ୍ମୃତି ସୁରକ୍ଷା ମଞ୍ଚ ପକ୍ଷରୁ ଦାବି ଉଠିଛି।

# ମହିଳା ଫୁଡ୍ ବ୍ଲଗରଙ୍କୁ ହତ୍ୟା ଅଭିଯୋଗ

## ହଷ୍ଟେଲ ଶୌଚାଳୟରୁ ଝୁଲନ୍ତା ମୃତଦେହ ମିଳିଲା

ଭୁବନେଶ୍ୱର,୩୦।୧୨
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆ ଆଦର୍ଶ ବିହାର ଲେନ୍-୨ରେ ଥିବା ଏକ ଘରୋଇ ହଷ୍ଟେଲ ଶୌଚାଳୟରୁ ଜଣେ ଯୁବତୀ (୨୫)ଙ୍କ ସନ୍ଦେହଜନକ ଅବସ୍ଥାରେ ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ କେନ୍ଦ୍ରାପଡା ପାଟକୁରା ଥାନା ଅଞ୍ଚଳର ସୋନାଲି ସଂଘମିତ୍ରା ପରିଡ଼ା। ସେ ଜଣେ ଫୁଡ୍‌ବ୍ଲଗର ଭାବେ ସୋସିଆଲ ମିଡିଆରେ ବେଶ୍ ଜଣାଶୁଣା। ସେ ଫୁଡ୍ ବ୍ଲଗିଂ ସହ ଭୁବନେଶ୍ୱର ବରମୁଣ୍ଡା ଅଞ୍ଚଳରେ ଏକ ବିଲ୍ଡର ସଂସ୍ଥାରେ ୨ବର୍ଷ ହେବ କାମ କରୁଥିଲେ। ହସଖୁସିରେ ବଞ୍ଚୁଥିବା ସୋନାଲିଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ସୋନାଲିଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଉଥିବା ତାଙ୍କ ବାପା ଦିଲୀପ ପରିଡ଼ା ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି। ହେଲେ ଏତଲାରେ ସେମିତି କାହାକୁ ଦାୟୀ କରି ନ ଥିବାରୁ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୬୦/୨୦୨୪) ରୁଜୁ କରି ଅଧିକ ତଦନ୍ତ କରୁଛି। ଏଥିସହ ଶୌଚାଳୟ


ସୋନାଲି ସଂଘମିତ୍ରା ପରିଡ଼ା

ପରିସରରୁ ସୋନାଲିଙ୍କ ମୋବାଇଲ ଫୋନକୁ ଜବତ କରି ଖୋଳତାଡ଼ କରୁଛି।

ସୂଚନାନୁସାରେ, ସୋନାଲି ଓ ୨ ଜଣ ଯୁବତୀ ଉକ୍ତ ହଷ୍ଟେଲର ୧୦୧ ନମ୍ବର ରୁମ୍‌ରେ ରହୁଥିଲେ। ରୁମମେଟ୍ ଗତ ୭ ଦିନ ହେବ ଘରକୁ ଯାଇଥିବାରୁ ସୋନାଲି ଏକା ଥିଲେ। ରବିବାର ରାତି ପ୍ରାୟ ସାଢେ ୮ଟାରେ ହଷ୍ଟେଲ ୱାର୍ଡେନ୍ କୌଣସି କାମ ପାଇଁ ସୋନାଲି ରହୁଥିବା ରୁମ୍‌ର କବାଟ ବାଡ଼େଇ ଡାକିଥିଲେ। ହେଲେ ସୋନାଲି କୌଣସି ଉତ୍ତର ନ ଦେବାରୁ ହଷ୍ଟେଲ ମାଲିକଙ୍କୁ ଡକାଇ କବାଟ ଭାଙ୍ଗି ଦେଇଥିଲେ। ଏହାପରେ ଶୌଚାଳୟ ପରିସରରେ ସୋନାଲିଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ବେକରେ ଓଢଣି ଗୁଡ଼ାଇ ହୋଇଥିବାବେଳେ ଆଣ୍ଠୁ ତଳେ ଘୋଷାରି ହୋଇଥିବା ଅବସ୍ଥାରେ ଥିଲା। ଏ ସମ୍ପର୍କରେ ୱାର୍ଡେନ ସୋନାଲିଙ୍କ ଘରକୁ ଫୋନ୍ କରି ଜଣାଇବା ପରେ ପରିବାର ଲୋକେ ଝିଅକୁ ହସ୍ପିଟାଲ ନେବାକୁ କହିଥିଲେ। ମାତ୍ର ୱାର୍ଡେନ ପୋଲିସକୁ ଖବର ଦେଇଥିଲେ। ରାତି ପ୍ରାୟ ୨ଟାରେ ସୋନାଲିଙ୍କ ପରିବାର ଲୋକେ ପହଞ୍ଚି ଶୌଚାଳୟ ଭିତରେ ମୃତଦେହ ଦେଖି ଚକିତ ହୋଇଯାଇଥିଲେ। ପୋଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଥିଲା। ସୋମବାର ସକାଳେ ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ମୃତଦେହ ଜବତ କରାଯାଇ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୩ ମାଓବାଦୀ ଗିରଫ



ମାଲକାନଗିରି,୩୦।୧୨ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ଜିଲା ପୋଲିସ ୩ ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ଡିକେଏମ୍‌ଏସ୍ ଅଧ୍ୟକ୍ଷ ରାମବାବୁ ପୁନେମ, ମିଲିସିଆ ଡେପୁଟି କମାଣ୍ଡର ଲଖମା ମାଡକାମି ଓ ହିଡମା ମାଡବି। ବିଜାପୁର ଜିଲା ପାମେଡ ଥାନା ପୋଲିସ ଓ ସିଆରପିଏଫ୍ ଯବାନ ମିଳିତ ଭାବେ ଧର୍ମାରମ ଓ ଜିଡପଲ୍ଲୀ ଅଞ୍ଚଳରେ କୋମ୍ବିଂ ସମୟରେ ଜିଡପଲ୍ଲୀ ଅଞ୍ଚଳରୁ ସେମାନଙ୍କୁ ଗିରଫ କରାଯାଇଛି। ରାମବାବୁଙ୍କ ଉପରେ ପୋଲିସ ପକ୍ଷରୁ ପୂର୍ବରୁ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ୩ ମାଓବାଦୀ ସିଆରପିଏଫ୍ କ୍ୟାମ୍ପ ଉପରେ ଆକ୍ରମଣ, ହତ୍ୟା, ଅପହରଣ ଓ ଲୁଟ୍ ମାମଲାରେ ସାମିଲ ଥିବା ପୋଲିସ କହିଛି। ଏମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ଯାତ୍ରାରେ ଅଶ୍ଳୀଳ ନୃତ୍ୟ, ପୋଲିସ ମାମଲା ରୁଜୁ କଲା

## ଏସ୍‌ପିଙ୍କୁ ଦାବିପତ୍ର ଦେଲା ବିଜେଡି ମହିଳା ମୋର୍ଚ୍ଚା

ମାଲକାନଗିରି, ୩୦।୧୨
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ କତାମେଟାରେ ଶନିବାର ଶ୍ରୀକ୍ଷେତ୍ର ଅପେରା ଯାତ୍ରା କରୁଥିବାବେଳେ ଜଣେ ଅଭିନେତ୍ରୀଙ୍କ ଅଶ୍ଳୀଳ ନୃତ୍ୟକୁ ଆଧାରକରି ତାଙ୍କ ନାମରେ ମାଲକାନଗିରି ପୋଲିସ ନିଜ ଆଡୁ ମାମଲା ନଂ(୭୨୧/୨୪)ରୁଜୁ କରିଛି। ସେହିପରି ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ମଧ୍ୟ ସୋମବାର ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଯେ, କତାମେଟାରେ ଶ୍ରୀକ୍ଷେତ୍ର ଅପେରାରେ ଗତ ଶନିବାର ନାଟକ ଆରମ୍ଭ ପୂର୍ବରୁ ସାହୁ ଭାଉଜ ନାମରେ ପରିଚିତ ଜଣେ ଅଭିନେତ୍ରୀ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅପେରା ଦେଖିବା ପାଇଁ ଶହ ଶହ ମହିଳା ପୁରୁଷ ପରିବାର ସହ ଏଠାରେ ଉପସ୍ଥିତ ଥିଲେ। ଏହି ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ଲୋକେ ନିନ୍ଦା କରିବା ସହ ଏହାଦ୍ୱାରା ଓଡିଶାରେ ଅପେରାର ମାନ ହ୍ରାସ ପାଉଥିବା କହିଥିଲେ। ଏ ସମ୍ପର୍କରେ ମାଲକାନଗିରି ଥାନାରେ ଅଭିନେତ୍ରୀ ସାହୁ ଭାଉଜ, ଶ୍ରୀ କ୍ଷେତ୍ର ଅପେରା ଓ କତାମେଟା ଯାତ୍ରା କମିଟି ଆୟୋଜକଙ୍କ ନାମରେ ପୋଲିସ ନିଜଆଡୁ ମାମଲା ରୁଜୁ କରିଛି।

# ବାଘଛାଲ ଜବତ, ୨ ଗିରଫ

କେନ୍ଦୁଝର/ପାଟଣା, ୩୦।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପୋଲିସ କଲରାପତରିଆ ବାଘ ଛାଲ ଚୋରାଚାଲାଣ ନେଇ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ବସନ୍ତପୁର ଗ୍ରାମର ରାମ ବାନ୍ଦିଆ (୩୩) ଓ ଖଡ଼ିପାଳ ଗ୍ରାମର ସାଗର କୁଲାପଡ଼ିଆ (୩୭)। ସେମାନଙ୍କ ନିକଟରୁ ପୋଲିସ ଏକ ବାଘଛାଲ, ବାଇକ୍, ୨ ମୋବାଇଲ ଜବତ କରିଥିବା ଘଟଗାଁ ଏସ୍‌ଡିପିଓ ପ୍ରଭାତ ତ୍ରିପାଠୀ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ପାଟଣା ରେଞ୍ଜ ସାହରପଡ଼ା ସେକ୍ସନ ମାଛଗଡ଼ ନର୍ଥ ବିଟ୍ ଓସ୍ତଯୋଡ଼ି ଗ୍ରାମ୍ୟ ଜଙ୍ଗଲ ନିକଟ ରାସ୍ତାରେ ସୋମବାର ପୂର୍ବାହ୍ନରେ ଏକ କଲରାପତରିଆ ବାଘଛାଲ ବିକ୍ରି ପାଇଁ ଡିଲ୍ ହେଉଥିଲା। ବାଘକୁ ଶିମିଳିପାଳ ଅଭୟାରଣ୍ୟରେ ମରାଯିବା ପରେ ଛାଲକୁ ରାମ ଆଣି ବିକ୍ରି ପାଇଁ ମସୁଧା କରୁଥିଲେ। ବାଘଛାଲ କିଣିବାକୁ ସାଗର ଆସିଥିବା


ଜବତ ବାଘଛାଲ।


ଏସ୍‌ଡିପିଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ବେଳେ ୨ ଲକ୍ଷ ଟଙ୍କାରେ ଦର ଛିଡ଼ିଥିଲା। ସୂଚନା ପାଇ କେନ୍ଦୁଝର ଏସ୍‌ପି ନୀତିନ କୁଶଲକର ଓ ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜଙ୍କ ନିର୍ଦ୍ଦେଶରେ ପୋଲିସ ଓ ବନ ବିଭାଗ ଅଧିକାରୀଙ୍କୁ ନେଇ ଏକ ଯୁଗ୍ମ ଟିମ୍ ଚଢ଼ାଉ କରିଥିଲା। ଡିଲ୍ ଚାଲିଥିବା ବେଳେ ପାଟଣା ଥାନା ଇନ୍ସପେକ୍ଟର ଉଦୟ ବୀର କୁଲୁ, ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ଓ ସାହାରପଡ଼ା ବନପାଳ ଭୂପତି ସେଠୀ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଏକ ବାଘ ଛାଲ, ବାଇକ୍ (ଓଡି-୦୨ ଇ ୫୭୮୮) ଓ ମୋବାଇଲ ଜବତ କରିଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ର ଧାରା ୯, ୩୯(୩) ଓ ୪୪ରେ ମାମଲା (ନଂ. ଓଆର ୮୪/୨୦୨୪-୨୫) ରୁଜୁ କରି ବନବିଭାଗ ଦୁହିଁଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓଙ୍କ ସମେତ ଏସିଏଫ୍ ଅଶୋକ କୁମାର ଦାସ, ଏସିଏଫ୍ ଜିତେନ୍ଦ୍ର ବେହେରା, ପାଟଣା ରେଞ୍ଜ ଅଧିକାରୀ ଓ ପାଟଣା ଥାନା ପୋଲିସ ଉପସ୍ଥିତ ଥିଲେ।

# ଆନ୍ତଃ ରାଜ୍ୟ ବାଇକ୍ ଚୋରି ର୍ୟାକେଟ୍ ଠାବ

## ୧୦ ବାଇକ୍ ଉଦ୍ଧାର, ୨ ଗିରଫ

ଜଳେଶ୍ୱର, ୩୦।୧୨
(ନବୀନ ସାହୁ/ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ପୋଲିସ ଆନ୍ତଃରାଜ୍ୟ ବାଇକ୍ ଚୋରି ର୍ୟାକେଟ ଠାବ କରିଛି। ଦୁଇ ଜଣଙ୍କୁ ଗିରଫ କରାଯିବା ସହ ଓଡ଼ିଶା ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୧୦ଟି ବାଇକକୁ ଉଦ୍ଧାର କରାଯାଇଥିବା ଜଳେଶ୍ୱର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ଜଳେଶ୍ୱର ଥାନା ଅଞ୍ଚଳରୁ ବିଭିନ୍ନ ସମୟରେ ଗାଡ଼ି ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହୋଇଆସୁଥିଲା। ଆଶିଷ ରଣା ନାମକ ବ୍ୟକ୍ତିଙ୍କ ଘରୁ ଧଳା ରଙ୍ଗର ଆପାଚି ବାଇକ୍ ଗତ ନଭେମ୍ବର ୧୫ରେ ଚୋରି ହୋଇଥିଲା। ଏନେଇ ସେ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଏସ୍‌ପି ରାଜପ୍ରସାଦଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ରବିବାର ଅମ୍ବାଳିଅଠାଠାରେ ଆଶିଷ ରଣା ବୁଲୁଥିବା ବେଳେ ନିଜ ବାଇକ୍‌କୁ ଦେଖିଥିଲେ ଏବଂ ସନ୍ଦେହ


ପୋଲିସର ଖବରଦାତା ସମ୍ମିଳନୀ।

କରି ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ବାଇକ୍‌ଟିକୁ ଉଦ୍ଧାର କରିବା ସହିତ ୨ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ଯୁବକଙ୍କୁ ନେଇ ଅଧିକ ତଦନ୍ତ କରିବା ପରେ ପଶ୍ଚିମବଙ୍ଗ ଦାନ୍ତୁଣ ଥାନା ଏବଂ ମୋହନପୁର ଅଞ୍ଚଳରେ ଉକ୍ତ ଯୁବକଙ୍କ ଘର ବୋଲି ସୂଚନା ମିଳିଥିଲା। ଉକ୍ତ ଯୁବକଙ୍କୁ ପଚରାଉଚୁରା କରି ସେମାନଙ୍କଠାରୁ ପୋଲିସ ମୋଟ ୧୦ ବାଇକ ଉଦ୍ଧାର କରିଥିଲା। ଆହୁରି ଅନେକ ଚୋରା ବାଇକ ଉଦ୍ଧାର ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏନେଇ ଏକ ମାମଲା (ନଂ. ୫୮୨/୨୪) ରୁଜୁ କରାଯାଇଛି। ଆଶ୍ଚର୍ଯ୍ୟ କଥା, ଆଶିଷଙ୍କ ଚୋରି ହୋଇଥିବା ବାଇକ୍‌ର ରଙ୍ଗ ଧଳା ଥିବାବେଳେ ଏବେ ତାହା ନୀଳ ହୋଇଯାଇଛି। ସେ ଥାନାକୁ ଆସି ତାଙ୍କର ପ୍ରମାଣପତ୍ର ଦେଖାଇ ଗାଡିକୁ ଥାନାରୁ ନେଇଯାଇଥିଲେ। ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ରାଜପ୍ରସାଦ, ଜଳେଶ୍ୱର ଏସ୍‌ଡିପିଓ ଦିଲୀପ ସାହୁ, ଜଳେଶ୍ୱର ଆଇଆଇସି ରଞ୍ଜନ ସେଠୀ ଏବଂ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ଶମ୍ବର ମାଂସ ଜବତ: ୩ ଗିରଫ

ବୁଗଡ଼ା,୩୦।୧୨(କାଳିଚରଣ ଦାଶ)

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ବୋରିପଦର ଗାଁ ଛକରେ ୩ ଯୁବକ ଶମ୍ବର ମାଂସ ବିକ୍ରି କରୁଥିବା ବେଳେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨ କିଲୋ ମାଂସ ସହ ଗୋଟିଏ କାତି, କାଠମୁଣ୍ଡା ଓ ବାଇକ୍ ଜବତ କରାଯାଇଛି। ବିକ୍ରେତା ୩ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଟ୍ଟାଧର ଗ୍ରାମର ସାଗର ନାଇକ, ବେଲଗୁଣ୍ଠା ଥାନା ଅନ୍ତର୍ଗତ ବୋରିପଦର ଗ୍ରାମର ରଞ୍ଜିତ ନାଇକ ଓ ବୁଗୁଡ଼ା ଥାନା ଅନ୍ତର୍ଗତ ନିମପଦର ଗ୍ରାମର କାର୍ତ୍ତିକ ବେହେରା। ଏନେଇ ବନ ବିଭାଗ ପକ୍ଷରୁ କେସ୍ ନଂ ୨୦୪/୨୪-୨୫ରେ ଏକ ମାମଲା ରୁଜୁ ହୋଇଥିବା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରବିବାର ରାତିରେ ୩ ଜଣ ଯୁବକ ଏକ ଶମ୍ବର ଶିକାର କରିଥିଲେ। ସୋମବାର ସକାଳେ ସେମାନେ ବୋରିପଦର ଗାଁ ଛକରେ ଶମ୍ବର ମାଂସ ବିକ୍ରି କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବୁଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ବନପାଳ କ୍ଷୀରୋଦ ଗୌଡ଼, ବନରକ୍ଷୀ ସୁବୋଧ ବେହେରା, ରତନ ମଳିକ ଏବଂ ଫରେଷ୍ଟ ସ୍କ୍ୱାଡ୍ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲେ।

# ପୋଲ ଉପରୁ ଯୁବକଙ୍କ ମୃତଦେହ ଜବତ, ହତ୍ୟା ଅଭିଯୋଗ

## ପୋଲ ତଳୁ ସାଇଣ୍ଟିଫିକ୍ ଟିମ୍ ଜବତ କଲା ଲୁହା ପାଇପ୍

ବଲାଙ୍ଗୀର, ୩୦।୧୨
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର-ସମ୍ବଲପୁର ୨୬ ନମ୍ବର ଜାତୀୟ ରାଜପଥ ସତ୍ୟନାରାୟଣପଡା ନିକଟ ଲକ୍ଷ୍ମୀଯୋର ପୋଲ ଉପରୁ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା। ମୃତ ଯୁବକ ଜଣକ ହେଲେ ବଲାଙ୍ଗୀର ସହର ଗେଟ୍‌ସରୋବରପଡାର ବିଷ୍ଣୁ କରନ୍ (୨୬)। ତାଙ୍କ ମୃତଦେହ ଜବତ କରାଯାଇ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଶବାଗାରରେ ରଖାଯାଇଥିଲା। କିଭଳି ପରିସ୍ଥିତିରେ ବିଷ୍ଣୁଙ୍କ ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। ତେବେ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ବିଷ୍ଣୁଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ଲୋକେ ହତ୍ୟାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତାଙ୍କୁ ୫ ଜଣ ଯୁବକ ଆକ୍ରମଣ କରି ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ରବିବାର ରାତିରେ ମୃତ ବିଷ୍ଣୁଙ୍କ ସହ ଯେଉଁମାନେ ଥିଲେ, ସେମାନଙ୍କ ଗତିବିଧି


ସତ୍ୟନାରାୟଣପଡା ନିକଟ ଲକ୍ଷ୍ମୀଯୋର ପୋଲ ଉପରେ ପୋଲିସ ଟିମ୍ ଛାନ୍‌ଭିନ୍ କରୁଛନ୍ତି।

ଅନୁଧ୍ୟାନ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ସୋମବାର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସଦର ଏସ୍‌ଡିପିଓ ପ୍ରଦୀପ କୁମାର ସାହୁଙ୍କୁ ପଚରାଯିବାରୁ ମୃତ ଯୁବକଙ୍କ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରାଯାଉଛି। ସୋମବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍ କରିଥିଲେ। ସଦର ଏସ୍‌ଡିପିଓ ସାହୁ, ଟାଉନ୍ ଥାନା ଆଇଆଇସି ଅବନୀ ସାହୁଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ଲକ୍ଷ୍ମୀଯୋର ପୋଲ ତଳୁ ଏକ ଜରିବସ୍ତା ଢଙ୍କା ଯାଇଥିବା ଲୁହାପାଇପ୍‌କୁ ଉଦ୍ଧାର କରିଛନ୍ତି। ଏହି ଲୁହା ପାଇପ୍ ସହ ଯୁବକଙ୍କ ମୃତ୍ୟୁ ଘଟଣାର କ'ଣ ସମ୍ପର୍କ ରହିଛି ଏସ୍‌ଡିପିଓ ସାହୁ କହି ନାହାନ୍ତି। ତଦନ୍ତ ଚାଲିଛି ବୋଲି କହିଛନ୍ତି। ଅନ୍ୟପଟେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଭାଜିଲି ଝାଇଁ**
**ବାଟଘର କଲି ତୋହରି ପାଇଁ**
**ଦିନେ ପଚାରିଲୁ ନାହିଁ।**

ନିକଟବର୍ତ୍ତୀ ସ୍ଥାନରେ ସମ୍ପର୍କ ସ୍ଥାପନର ବିପରୀତ ପ୍ରତିକ୍ରିୟା। ବାଟଘର ଦେଇ ସାଇର ଓ ବାହାର ଲୋକ ଯିବା ଆସିବା କରନ୍ତି। ମନର ମାନସୀ କାଳେ ଆସିବ ତାକୁ ଟିକିଏ ଦେଖିବା ଲାଗି ବାଟଘର କଲା, ତଥାପି ଆଶା ନିରାଶାରେ ରହିଗଲା। ଫଳସ୍ୱରୂପ ମନରେ ଖେଦଭାବ ସୃଷ୍ଟି ହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଇତ**
**ଶୀତ ଯାଏ ବୋଇତା।**

ବରଷକ ବାରମାସରୁ ଚାରିମାସ ଶୀତର ପ୍ରକୋପ ରହିଥାଏ। ତେବେ ଚଇତ ବା ଚୈତ୍ରମାସ ବେଳକୁ ଶୀତ ଆଉ ଲାଗି ନ ଥାଏ। ଏହା ପୂରାପୂରି ଛାଡ଼ି ଚାଲିଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

# କ୍ରିପ୍ଟୋ କରେନ୍ସି ନାଁରେ ୧ ଲକ୍ଷ ଠକେଇ

ବ୍ରହ୍ମପୁର,୩୦।୧୨(ସୁବାସ ଚନ୍ଦ୍ର ପାଢ଼ୀ)

କ୍ରିପ୍ଟୋ କରେନ୍ସି ନାଁରେ ବ୍ରହ୍ମପୁର ହାତୀବନ୍ଧ ସାହିର ଜଣେ ଯୁବକଙ୍କଠାରୁ ସାଇବର ଠକ ପ୍ରାୟ ୧ ଲକ୍ଷ ଟଙ୍କା ଠକି ନେଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ଯୁବକଙ୍କ ନିକଟକୁ ଜଣେ ବ୍ୟକ୍ତି ଫୋନ କରି 'ୟୁ-କଏନ' ନାମକ ଏକ ଆପ୍‌ରେ କ୍ରିପ୍ଟୋ କରେନ୍ସି ଟ୍ରେଡିଂ କରିବାକୁ ପରାମର୍ଶ ଦେଇଥିଲେ। ତଦନୁସାରେ ଯୁବକ ଜଣକ ଫୋନ ପେ' ଜରିଆରେ ପ୍ରାୟ ୧ ଲକ୍ଷ ଟଙ୍କା ନିବେଶ କରିଥିଲେ। ପରେ ସେ ଠକେଇରଶିକାରହୋଇଥିବାଜାଣିବାକୁପାଇ ପ୍ରଥମେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପରେ ବ୍ରହ୍ମପୁର ଏସପିଙ୍କୁ ସାକ୍ଷାତ କରିବା ସହ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୬୦୬/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଧରାପଡ଼ିଲେ ୧୩ ଶିକାରୀ


ଗିରଫ ଶିକାରୀ ଓ ଜବତ ଶିକାର ସରଞ୍ଜାମ।

## ବନ୍ଧୁକ, ଶିକାର ସରଞ୍ଜାମ ଜବତ

ବାରିପଦା,୩୦।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଲଗାଯାଇଥିବା ଏଆଇ କ୍ୟାମେରା ମାଧ୍ୟମରେ ବନ ବିଭାଗ ୧୩ ଶିକାରୀଙ୍କୁ ଧରିଛି। ଅଭିଯୁକ୍ତମାନେ ହେଲେ କରଞ୍ଜିଆ ଥାନା ଅଧୀନ ରାଣୀଭୋଳ ଗ୍ରାମର ହରି ବନସିଂ, ଚନ୍ଦ୍ର ମୋହନ ସୟା, ଧନେଶ୍ୱର ସୟା ଓ ବୁଧିରାମ ସିଜୁଇ, ଅଁଳାକଟା ଗ୍ରାମର ବିଜୟ ବାଦ୍ରା, ଜୟରାମ ବାଦ୍ରା, ହିନ୍ଦୁରାମ ବାଦ୍ରା, ଖେଜୁରି ବାଦ୍ରା ଓ ମଙ୍ଗଳ ବାଦ୍ରା, ଦୁଧିଆଣୀ ଗ୍ରାମର ଦୁମ୍ବି ଗାନ୍ଧୁଆ, ପାଗୁ ମାରାଣ୍ଡି ଓ ମଙ୍ଗଳ ଆଲଦା ଏବଂ ରାମଯୋଡ଼ି ଗ୍ରାମର ଗୁରୁ ଚରଣ କେରାଇ। ସେମାନଙ୍କ ନିକଟରୁ ୧୩ଟି ଧନୁ, ୩୩ଟି ତୀର, ଗୋଟିଏ ଦେଶୀ ବନ୍ଧୁକ ସମେତ ଶିକାର ସରଞ୍ଜାମ ଜବତ କରାଯାଇଛି। ବନ୍ୟଜନ୍ତୁ ଶିକାର ଅଭିଯୋଗରେ ୦୨ ଏନ୍‌ପି/୨୦୨୩-୨୦୨୪ ଅନୁଯାୟୀ ମାମଲା ରୁଜୁ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଗତ ନଭେମ୍ବର ୨୪ରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର କୋର୍(ଆଭ୍ୟନ୍ତରୀଣ) ଅଞ୍ଚଳରେ ଶିକାରୀମାନେ ପ୍ରବେଶକରି ବନ୍ୟଜନ୍ତୁ ଶିକାର କରିଥିଲେ। ଏଆଇ କ୍ୟାମେରା ଦ୍ୱାରା ଏହାର ଚିତ୍ର ସଙ୍ଗେ ସଙ୍ଗେ ବନ ବିଭାଗର ହସ୍ତଗତ ହୋଇଥିଲା। ଏହି ଚିତ୍ର ଦେଖି ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଶିକାରୀଙ୍କୁ ଠାବ କରିଥିଲେ। ସେମାନଙ୍କ ଘରେ ଚଢ଼ାଉକରି ବ୍ୟାପକ ଶିକାର ସରଞ୍ଜାମ ଜବତ କରିଥିଲେ। ତେବେ ବନ୍ଧୁକ ଜବତ ଘଟଣାରେ ଆର୍ମସ ଆକ୍ଟରେ ପୋଲିସ ଅନ୍ୟ ଏକ ମାମଲା ରୁଜୁକରିଛି। ଶିକାରୀ ଓ କାଠ ବ୍ୟବସାୟୀଙ୍କ ଅନୁପ୍ରବେଶକୁ ରୋକିବାରେ ଏଆଇ କ୍ୟାମେରା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏଥିରେ ସଫଳତା ମିଳୁଥିବାରୁ ୧ ବର୍ଷ ମଧ୍ୟରେ ୧ ହଜାରରୁ ଊର୍ଦ୍ଧ୍ୱ ଏଆଇ କ୍ୟାମେରା ଲଗାଯିବ ବୋଲି ବିଭାଗ ସୂଚନା ଦେଇଛି।

# ୫୦ଟଙ୍କା ପାଇଁ ଲକ୍ଷେ ୨୦ହଜାର ଦଣ୍ଡ

## ଖାଉଟି ଅଦାଲତ ଦ୍ୱାରା ବିଦେଶୀ ମଦ ଦୋକାନୀ ଦଣ୍ଡିତ

ନୂଆପଡ଼ା,୩୦।୧୨
(ମକାରୁ ବେମାଲ)

୫୦ଟଙ୍କା ପାଇଁ ଜଣେ ମଦ ଦୋକାନୀ ଲକ୍ଷେ ୨୦ହଜାର ଟଙ୍କା ଦଣ୍ଡ ଗଣିବେ। ଖାଉଟି ଅଦାଲତଙ୍କ ଦ୍ୱାରା ରବିବାର ପ୍ରକାଶ ପାଇଥିବା ଏଭଳି ରାୟ ନୂଆପଡ଼ା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଜିଲା ସଦର ମହକୁମାସ୍ଥିତ ବିଜୁ ଏକ୍ସପ୍ରେସ୍ ୱେ କଡରେ ଥିବା ବିଦେଶୀ ଠିପି ବନ୍ଦ ମଦ ଦୋକାନୀ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ନେବା ଅଭିଯୋଗରେ ଖାଉଟି ଅଦାଲତ ଦ୍ୱାରା ଦଣ୍ଡିତ ହୋଇଛନ୍ତି। ମଦ ଦୋକାନୀ ସନ୍ତୋଷ କୁମାର ଗୁପ୍ତା ଦୁଇଟି ପୃଥକ୍ ମାମଲାରେ ଅଭିଯୋଗକାରୀଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ନୂଆପଡ଼ା ସହରର ତୋପରାମ ରାଉତ ଓ ଗଣେଶ ଚନ୍ଦ୍ର ନାଗ ୨୦୨୩ ଏପ୍ରିଲ ୯ରେ ନୂଆପଡ଼ାସ୍ଥିତ ଗୁପ୍ତା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ଆସି ୩୭୫ ମି.ଲି.ର ଏକ ବିଦେଶୀ ମଦ (ରୟାଲ ଷ୍ଟାଗ୍) ବୋତଲ ମାଗିଥିଲେ। ସେଥିରେ ଏମ୍‌ଆର୍‌ପି ୩୫୦ ଟଙ୍କା ରହିଥିଲା। ହେଲେ ଦୋକାନୀ ୪୨୦ ଟଙ୍କା ଦେବାକୁ କହିଥିଲେ। ଗ୍ରାହକମାନେ ପ୍ରତିବାଦ କରିବାରୁ ଶେଷରେ ଦୋକାନୀ ଧାର୍ଯ୍ୟ ମୂଲ୍ୟଠାରୁ ୫୦ଟଙ୍କା ଅଧିକ ନେଇଥିଲେ। ଏହା ବିରୋଧରେ ଦୁଇ ଗ୍ରାହକ ଜିଲା ଅବକାରୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରେ ନ୍ୟାୟ ନ ମିଳିବାରୁ ସେମାନେ ଜିଲା ଖାଉଟି ଅଦାଲତରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଖାଉଟି ଅଦାଲତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ସଦସ୍ୟ ହଳଧର ପଧାନଙ୍କ ଖଣ୍ଡପୀଠ ମାମଲାର ବିଚାର କରି ମଦ ଦୋକାନୀ ଗୁପ୍ତାଙ୍କୁ ଦୋଷୀ ସାବ୍ୟସ୍ତ କରି ନିର୍ଦ୍ଦେଶନାମା ପାଇବାର ୩୦ଦିନ ଭିତରେ ୫୦ ହଜାର ଟଙ୍କା ଲେଖାଏ ଜରିମାନା ଓ କେସ୍ ଖର୍ଚ୍ଚ ବାବଦକୁ ୧୦ ହଜାର ଟଙ୍କା ଲେଖାଏ ୨ ଅଭିଯୋଗକାରୀଙ୍କୁ ଫେରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଖିଲାପ କଲେ ବାର୍ଷିକ ସୁଧ ୧୫% ଲାଗୁ ହେବ। ଏହାସହିତ ଅସୁଲି କରିଥିବା ଅଧିକ ୫୦ ଟଙ୍କାର ବାର୍ଷିକ ୧୮% ସୁଧ ହାରରେ ଫେରାଇବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

